

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୬ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 16 NOVEMBER 2020

Vol.No. 30 ■ No. 289 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସପ୍ତମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ନୀତୀଶ କୁମାର

ପାଟନା,୧୫।୧୧ (ନି.ପ୍ର): ପୁଣି ଥରେ ବିହାରର ମୁଖ୍ୟମନ୍ତ୍ରୀ ହେବେ ନୀତୀଶ କୁମାର। ରବିବାର ଏନଡିଏ ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତି ହୋଇଛି।

ଆଜି ଶପଥଗ୍ରହଣ

ବୈଠକରେ ଏନଡିଏ ଦଳ ନେତା ଭାବେ ନୀତୀଶଙ୍କୁ ମନୋନୀତ କରାଯାଇଛି। ଆସନ୍ତାକାଲି (ସୋମବାର) ନୀତୀଶ ଶପଥଗ୍ରହଣ କରିବେ। ସପ୍ତମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ଭାଳିବେ ନୀତୀଶ। ପର୍ଯ୍ୟବେକ୍ଷକ ଭାବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୈଠକର ନିଷ୍ପତି କ୍ରମେ ନୀତୀଶଙ୍କ ନାଁ ଘୋଷଣା କରିଛନ୍ତି। ପାଟନାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବାସଭବନରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏନଡିଏର ସମସ୍ତ ନବନିର୍ବାଚିତ ବିଧାୟକଙ୍କ ଉପସ୍ଥିତ ଥିଲେ। ବିହାର ନିର୍ବାଚନରେ ବିଜେପି ପାଖରେ ସର୍ବାଧିକ ୭୪ ଜଣ ବିଧାୟକ, ଜେଡିୟୁର ୪୩ ଜଣ ବିଧାୟକ ଏବଂ ହମ ଦଳ ଏବଂ ଭିଆଇପି ନିକଟରେ ୩-୪ ବିଧାୟକ ରହିଛନ୍ତି। ବିଧାୟକ ଦଳ ହେବା ପରେ ପରବର୍ତ୍ତୀ ସମୟରେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ କରିବାକୁ ଦାବି କରିବେ ନୀତୀଶ।

ଭୁବନେଶ୍ୱରରୁ ୨୪ ଘଂଟାରେ ୫୭ ପଜିଟିଭ୍ , ୭୫ ସୁସ୍ଥ

ଭୁବନେଶ୍ୱର,୧୫।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ଏବଂ ସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି କ୍ରମରେ ରବିବାର ରାଜଧାନୀରୁ ଆଉ ୫୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୧୧ ଜଣ ସଂଗରୋଧ ଓ ୪୬ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୭୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ୪ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି।

ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୧୨୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୯,୨୨୦ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୬୯୦ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୯୬ ଜଣଙ୍କର ମୃତ୍ୟୁ ହୋଇଛି।

ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେମଂଚେଶ୍ୱରରୁ ୫ ଜଣ, ପୋଖରୀପୁଟରୁ ୪ ଜଣ, ନୟାପଲ୍ଲୀରୁ ୩ ଜଣ, ବରମୁଣ୍ଡା, ସହୀଦନଗର, ୟୁନିଟ୍ ୪ , ଶୈଳଶ୍ରୀବିହାର, ପଟିଆ, ଆଇଆରସି ଭିଲେଜ ଓ ଓଲ୍ଡ ଟାଉନରୁ ୨ ଜଣ ଲେଖାଏଁ ରହିଛନ୍ତି।

କରୋନାରୁ ଆଉ ୧୩୪୬ ସୁସ୍ଥ

ଭୁବନେଶ୍ୱର,୧୫।୧୧ (ନି.ପ୍ର): ରାଜ୍ୟରେ ରବିବାର ଆଉ ୧୩୪୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୯୭ ହଜାର ୮୬୨କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ୨୬୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରୁ ୧୨୬ ଜଣ, କଟକ ଜିଲ୍ଲାରୁ ୧୧୦ ଜଣ, ଅନୁଗୁଳ, ବଲାଙ୍ଗୀର ଜିଲ୍ଲାରୁ ୬୫ ଜଣ ଲେଖାଏଁ, ପୁରୀ ଜିଲ୍ଲାରୁ ୬୩ ଜଣ, ଜଗତସିଂହପୁର ଜିଲ୍ଲାରୁ ୫୯ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୫୪ ଜଣ, ନୂଆପଡ଼ା ଜିଲ୍ଲାରୁ ୫୩ ଜଣ, ବରଗଡ଼ ଜିଲ୍ଲାରୁ ୪୯ ଜଣ, କେନ୍ଦୁଝର ଜିଲ୍ଲାରୁ ୪୫ ଜଣ, ସମ୍ବଲପୁର ଜିଲ୍ଲାରୁ ୩୮ ଜଣ, ମୟୂରଭଂଜ ଜିଲ୍ଲାରୁ ୩୫ ଜଣ, କଳାହାଣ୍ଡି, ବାଲେଶ୍ୱର ଜିଲ୍ଲାରୁ ୩୪ ଜଣ ଲେଖାଏଁ ଓ ନୟାଗଡ଼ ଜିଲ୍ଲାରୁ ୩୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିଭଳି ନୟାଗଡ଼ ଜିଲ୍ଲାରୁ ୩୧ ଜଣ, ଭଦ୍ରକ ଜିଲ୍ଲାରୁ ୨୮ ଜଣ, ଢେଙ୍କାନାଳ, କୋରାପୁଟ ଜିଲ୍ଲାରୁ ୧୬ ଜଣ ଲେଖାଏଁ, ଝାରସୁଗୁଡ଼ା, ମାଲକାନଗିରି, ନବରଂଗପୁର ଜିଲ୍ଲାରୁ ୧୫ ଜଣ ଲେଖାଏଁ, ଗଂଜାମ ଜିଲ୍ଲାରୁ ୧୪ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୧୧ ଜଣ, କନ୍ଧମାଳ ଜିଲ୍ଲାରୁ ୯ ଜଣ, ଗଜପତି, ରାୟଗଡ଼ା ଜିଲ୍ଲାରୁ ୬ ଜଣ ଲେଖାଏଁ, ଦେବଗଡ଼ ଜିଲ୍ଲାରୁ ୪ ଜଣ, ବୌଦ୍ଧ ଜିଲ୍ଲାରୁ ୩ ଜଣ ଓ ରାଜ୍ୟପୁଲରୁ ୩୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

ଦିଲ୍ଲୀରେ ୨ ଗୁଣା ହେବ କୋଭିଡ୍ ଟେଷ୍ଟ

ନୂଆଦିଲ୍ଲୀ,୧୫।୧୧ (ନି.ପ୍ର): ଦିଲ୍ଲୀରେ କରୋନା ନିୟନ୍ତ୍ରଣ ପାଇଁ ୨ ଗୁଣା ଆରଟିପିସିଆର ଟେଷ୍ଟ କରାଯିବ ବୋଲି ଗୃହମନ୍ତ୍ରୀ ଅମିତ ଶାହା ଟୁଇଟ୍ କରି ଜଣାଇଛନ୍ତି। ଦିଲ୍ଲୀରେ କରୋନା ମାମଲା ବଢୁଥିବା ମାମଲାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ଆଲୋଚନା ସମ୍ପର୍କରେ ଶ୍ରୀ ଶାହା ଟୁଇଟ୍ କରି କହିଛନ୍ତି ଯେ ଦିଲ୍ଲୀର ସମ୍ବେଦନଶୀଳ ଅଂଚଳ ଗୁଡିକରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଆଇସିଏମଆର ପକ୍ଷରୁ ମୋବାଇଲ୍ ଟେଷ୍ଟିଂ ଭ୍ୟାନ୍ ନିୟୋଜିତ କରାଯିବ। ଶ୍ରୀ ଶାହା ଆହୁରି କହିଛନ୍ତି ଯେ ଡୋଲାକୁଆଁ ଠାରେ ଥିବା ଡିଆରଡିଓ କୋଭିଡ୍ ହସ୍ପିଟାଲରେ ଆଉ ୨୫୦ରୁ ୩୦୦ ଆଇସିୟୁ ଶଯ୍ୟା ବୃଦ୍ଧି କରାଯିବ। ଏହା ବ୍ୟତୀତ ଛତ୍ରପୁରର ୧୦,୦୦୦ ଶଯ୍ୟା ବିଶିଷ୍ଟ କୋଭିଡ କେନ୍ଦ୍ରକୁ ଅମ୍ଳଜାନ ସୁବିଧା ସହିତ ▶▶ପୃଷ୍ଠା ୭

ଥମୁନି କରୋନା ମୃତ୍ୟୁର ତାଣ୍ଡବ

ଭୁବନେଶ୍ୱର,୧୫।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୫୨୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଓ ଖୋର୍ଧା ଜିଲ୍ଲାର ୪-୪ ଜଣ ଅଛନ୍ତି । ସେହିପରି ମୃତକଙ୍କ ମଧ୍ୟରେ ବରଗଡ ଓ ସମ୍ବଲପୁରରୁ ୩-୩ ଜଣ ତଥା ଢେଙ୍କାନାଳ କଳାହାଣ୍ଡି ଓ ବୌଦ୍ଧରୁ ଜଣେ ଜଣେ ଅଛନ୍ତି । ବରଗଡ ଜିଲ୍ଲାର ଜଣେ ୩୩ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ବରଗଡ ଜିଲ୍ଲାର ଜଣେ ୫୮ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି । ବରଗଡ ଜିଲ୍ଲାର ଜଣେ ୬୪ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ବୌଦ୍ଧ ଜିଲ୍ଲାର ଜଣେ ୧୨ ବର୍ଷୀୟା ବାଳିକାର କରୋନାରେ ମୃତ୍ୟୁ ଘଟିଛି। ଢେଙ୍କାନାଳର ଜଣେ

ରାଜ୍ୟରେ ଆଜି ଆଖି ବୁଜିଲେ ୧୭ ଆକ୍ରାନ୍ତ

୫୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୬୩ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୧୦୨ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ହୋଇଛି। ଭୁବନେଶ୍ୱରର ଜଣେ ୭୩ ବର୍ଷୀୟ ପୁରୁଷ ତଥା ଅନ୍ୟ ଜଣେ ୬୦ ବର୍ଷୀୟ ପୁରୁଷ ମଧ୍ୟ କରୋନାରେ ▶▶ପୃଷ୍ଠା ୭

ଗୋଟିଏ ଦିନରେ ୭୫୩ କରୋନା ଆକ୍ରାନ୍ତ ଚିହ୍ନଟ

ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦୮୬୫୯



ଭୁବନେଶ୍ୱର,୧୫।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୫୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦୮୬୫୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୨୯୬୫୧୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୦୫୬୩ ରହିଛି। ଆଜି ଚିହ୍ନଟ ହୋଇଥିବା ୭୫୩ ଜଣଙ୍କ ମଧ୍ୟରୁ ୪୩୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୧୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୭୫ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରୁ ୪୭ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୩୨ ଜଣ, ବରଗଡ଼ରୁ ୩୧ ଜଣ, ଭଦ୍ରକରୁ ୧୭ଜଣ, ବଲାଙ୍ଗୀରରୁ ୪୧ ଜଣ ରହିଛନ୍ତି। ସେହିପରି ବୌଦ୍ଧରୁ ୧୨ ଜଣ, କଟକରୁ ୪୧ ଜଣ, ଦେବଗଡ଼ରୁ ୩ଜଣ, ଢେଙ୍କାନାଳୁ ୧୧ ଜଣ, ଗଜପତିରୁ ୩ ଜଣ, ଗଞ୍ଜାମରୁ ୧୧ ଜଣ, ଜଗତ୍‌ସିଂହପୁରରୁ ୨୬ ଜଣ, ଯାଜପୁରରୁ ୬ ଜଣ, ଝାରସୁଗୁଡ଼ାରୁ ୨୬ ଜଣ, କଳାହାଣ୍ଡିରୁ ୪୭ ଜଣ, କନ୍ଧମାଳରୁ ୧୦ ଜଣ, କେନ୍ଦ୍ରାପଡ଼ାରୁ ୨୬ ଜଣ, କେନ୍ଦୁଝରରୁ ୨୭ ଜଣ, ଖୋର୍ଦ୍ଧାରୁ ୭୪ ଜଣ, ▶▶ପୃଷ୍ଠା ୭

ବଙ୍ଗଳା ଫିଲ୍ମ ଅଭିନେତା ସୋମିତ୍ର ଚାଟାର୍ଜୀଙ୍କ ପରଲୋକ



କୋଲକାତା,୧୫।୧୧ (ନି.ପ୍ର): ବଙ୍ଗଳା ଫିଲ୍ମ ଜଗତର ସୁନାମଧନ୍ୟ ଅଭିନେତା ସୋମିତ୍ର ଚାଟାର୍ଜୀଙ୍କ ଶନିବାର ବିଳମ୍ବିତ ରାତ୍ରୀରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ହୋଇଥିଲା। ଗତ ଅକ୍ଟୋବର ୬ ତାରିଖରେ ତାଙ୍କୁ ଦକ୍ଷିଣ କୋଲକାତା ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ତାଙ୍କର କରୋନା ରିପୋର୍ଟ ପଜିଟିଭ ଆସିଥିଲା । ଚିକିତ୍ସା ପରେ ୧୫ ଅକ୍ଟୋବରରେ ତାଙ୍କ ରିପୋର୍ଟ ନେଗେଟିଭ ହୋଇଥିଲା । ତଥାପି ସେ ଅନ୍ୟାନ୍ୟ ବୟସ ସମ୍ବନ୍ଧୀୟ ସମସ୍ୟାରେ ପୀଡିତ ଥିଲେ। ଡାକ୍ତରଖାନା ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି ଯେ ଶୁକ୍ରବାର ଠାରୁ ତାଙ୍କ ଶାରୀରିକ ଅବସ୍ଥା ବିଗିଡି ଯାଇଥିଲା । ହୃଦୟ ଏବଂ କିଡନୀ ସମସ୍ୟା ଦେଖା ଯାଇଥିଲା । ସେ ରାତି ୧୨.୧୫ ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ବଙ୍ଗଳା ଚଳଚ୍ଚିତ୍ରର ଅନ୍ୟତମ ପୁରୁଣା ଅଭିନେତା ଥିଲେ ଏବଂ ତାଙ୍କ ନାମରେ ଅନେକ ସୁପରହିଟ୍ ଫିଲ୍ମ ରେ କାମ କରିଥିଲେ ।

ମଂଚ ନାଟକକୁ ଅନୁମତି ଦାବିରେ କଳାକାରଙ୍କ ଧାରଣା

ଭୁବନେଶ୍ୱର ,୧୫।୧୧ (ନି.ପ୍ର): ମଂଚ ନାଟକକୁ ଅନୁମତି ଦାବି କରି କଳାକାର ଧାରଣା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପ ସମ୍ମୁଖରେ ଓଡିଶା ନାଟ୍ୟ ସଂଘର ସଦସ୍ୟଙ୍କ ସମେତ ମଂଚ ସହ ଜଡିତ ବହୁ ବ୍ୟକ୍ତି ରବିବାର ଧାରଣା ଦେଇଥିଲେ। ସଂଘର ସମ୍ପାଦକ ଲାଲା ବିରେନ୍ ରାୟ କହିଛନ୍ତି ଯେ କରୋନା ଯୋଗୁଁ ମଂଚ ଓ ଥିଏଟର ଗୁଡିକ ବନ୍ଦ ରହିଛି। ▶▶ପୃଷ୍ଠା ୭

ପୂର୍ବତନ ଡିଜିପିଙ୍କ ପରଲୋକ

ଭୁବନେଶ୍ୱର,୧୫।୧୧ (ନି.ପ୍ର): ଓଡିଶାର ପୂର୍ବତନ ପୋଲିସ୍ ଡିଜି ଏସ.କେ ଚାଟାର୍ଜୀଙ୍କର ଗତକାଲି ରାତିରେ ନୂଆଦିଲ୍ଲୀଠାରେ ପରଲୋକ ହୋଇଯାଇଛି। ବର୍ତମାନ ପୋଲିସ୍ ଡିଜି ଶ୍ରୀ ଅଭୟ ଟ୍ୱିଟ୍ କରି ସ୍ୱର୍ଗତ ଚାଟାର୍ଜୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କର ଦୟା , କର୍ମ କୁଶଳତା ଏବଂ ପୋଲିସ୍ କର୍ମଚାରୀଙ୍କ ଉନ୍ନତି ପାଇଁ ଚିନ୍ତା ଲାଗି ସର୍ବଦା ମନେ ରହିବେ ବୋଲି ଡିଜିପି ଶ୍ରୀ ଅଭୟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୧୯୬୬ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ଏସ୍ .କେ ଚାଟାର୍ଜୀ ୨୦୦୦-୦୧ ବର୍ଷରେ ଓଡିଶାର ଡିଜିପି ଭାବେ ଦାୟିତ୍ୱ ତୁଲାଇଥିଲେ।

ନଭେମ୍ବର ୧୮ରେ ହେବ ସର୍ବଦଳୀୟ ବୈଠକ

ଭୁବନେଶ୍ୱର ,୧୫।୧୧ (ନି.ପ୍ର): ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ଆଗାମୀ ନଭେମ୍ବର ୧୮ରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଗୃହକୁ ସୂଚାରୁ ରୂପେ ଚଳାଇବା ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହି ବୈଠକ ଡାକିଛନ୍ତି ।

ଅଭିନେତା ସୌମିତ୍ର ଚାଟାର୍ଜୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୫।୧୧ (ନି.ପ୍ର): ପ୍ରବୀଣ ଚଳଚ୍ଚିତ୍ର ଅଭିନେତା ତଥା ଦାଦାସାହେବ ଫାଲକେ ଓ ପଦ୍ମଭୂଷଣ ପୁରସ୍କାର ବିଜେତା ସୌମିତ୍ର ଚାଟାର୍ଜୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି ।

ପୂର୍ବତଟ ରେଳପଥକୁ ମିଳିବ ଗୋବିନ୍ଦ ବଲ୍ଲଭ ପନ୍ତ ରେଳବାଇ ରାଷ୍ଟ୍ରୀୟ ପୁରସ୍କାର

ଭୁବନେଶ୍ୱର,୧୫।୧୧ (ନି.ପ୍ର): ଟ୍ରାଫିକ୍ (ପଣ୍ୟ) ପରିବହନ, ଲେଖା ଏବଂ ଆର୍ଥିକ ପରିଚାଳନା ଏବଂ ବିକ୍ରୟ ପରିଚାଳନା ପାଇଁ ମଧ୍ୟ ପୂର୍ବତଟ ରେଳପଥ ରାଷ୍ଟ୍ରୀୟ ରେଳବାଇ ପୁରସ୍କାର ରେ ପୁରସ୍କୃତ ହେବ। ଭାରତୀୟ ରେଳବାଇର ସମସ୍ତ ଜୋନ୍ ମଧ୍ୟରେ ସମସ୍ତ ପ୍ରକାର କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୂର୍ବ ତଟ ରେଳପଥ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସମ୍ମାନଜନକ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତ ଶ୍ରେଷ୍ଠ ଜୋନାଲ ରେଲୱେ ସିଲ୍ଡ -୨୦୨୦ ଗ୍ରହଣ କରିବ । ପୂର୍ବ ତଟ ରେଳବାଇ ତୃତୀୟ ଥର ପାଇଁ ଏହି ସମ୍ମାନରେ ସମ୍ମାନିତ ହେବାକୁ ଯାଉଛି । ଏହାପୂର୍ବରୁ, ପୂର୍ବ ତଟ ରେଳପଥ ୨୦୦୮-୦୯ ଏବଂ ୨୦୧୫-୧୬ ରେ ଅଲ ରାଉଣ୍ଡ ପ୍ରଦର୍ଶନ ପାଇଁ ଏହି ସମ୍ମାନଜନକ ପୁରସ୍କାର ପାଇଥିଲା । ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତଙ୍କ ସ୍ମରଣୀୟ ପାଇଁ ପ୍ରତିଷ୍ଠିତ ଏହି ସିଲ୍ଡ ପ୍ରତିବର୍ଷ ଜୋନାଲ ରେଲବାଇକୁ ଦିଆଯାଏ, ଯାହାର ପ୍ରଦର୍ଶନ ସମସ୍ତ ଜୋନାଲ ରେଳବାଇ ମଧ୍ୟରେ ସର୍ବୋତମ ବୋଲି ବିବେଚନା କରାଯାଏ। ରେଳ ମନ୍ତ୍ରୀ ଶ୍ରୀ ପୀୟୁଷ ଗୋୟଲ ଏହି ସିଲ୍ଡ କୁ ପୂର୍ବ ତଟ ରେଳବାଇକୁ ଜାତୀୟ ରେଳବାଇ ପୁରସ୍କାର ବିତରଣ ଉତ୍ସବରେ ହସ୍ତାନ୍ତର କରିବେ। ରାଜସ୍ୱ ଏବଂ ରୋଜଗାର, ସାମଗ୍ରୀ ଟ୍ରାଫିକ୍, ଟ୍ରେନର ସମୟାନୁବର୍ତିତା, ଯାତ୍ରୀବାହୀ ଯାତାୟାତ, ପ୍ରତି ମିଲିୟନ୍ ଟ୍ରେନ୍ କିଲୋମିଟର ପ୍ରତି ଟ୍ରେନ୍ ଦୁର୍ଘଟଣା, ମରାମତି କର୍ମଶାଳାର କ୍ଷମତାର ଉପଯୋଗ, କୋଚ୍ ପ୍ରଦର୍ଶନ, ଶକ୍ତି ବ୍ୟବହାର, ରେଳ ଷ୍ଟକ୍ ବ୍ୟବହାର, ଅପରେଟିଂ ଅନୁପାତ, ମାନବ ଶକ୍ତିରେ ଅର୍ଥନୀତି, ସିଗନାଲ୍ / ଟେଲିକମ୍ ଉପକରଣର କାର୍ଯ୍ୟ, ଟ୍ରାକ୍ ନବୀକରଣର ଅଗ୍ରଗତି, ଷ୍ଟକ୍ ବ୍ୟବହାର, ଟ୍ରାକ୍ ମେସିନର କାର୍ଯ୍ୟଦକ୍ଷତା, ଟିକେଟ୍ ଯାଂଚ, ପ୍ରମୁଖ କାର୍ଯ୍ୟଗୁଡ଼ିକର ଠିକ୍ ସମୟରେ ସମାପ୍ତି, ରୋଜଗାର ଏବଂ ସ୍କ୍ରାପ୍ ନିଷ୍କାସନ ଇତ୍ୟାଦି ଆଧାରରେ ଏହି ପୁରସ୍କାର ଚୟନ ମାନଦଣ୍ଡ ଉପରେ ଆଧାରିତ । ୨୦୧୯-୨୦୨୦ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୨୦୦.୮୫ ନିୟୁତ ଟନ୍ ମାଲ ପରିବହନ

ସିଡ୍‌ବଲ୍‌ରେ ସବୁଜ ଦୀପାବଳୀର ବାର୍ତ୍ତା

ଭୁବନେଶ୍ୱର,୧୫।୧୧ (ନି.ପ୍ର): ପ୍ରତି ପୂଜା ପାର୍ବଣରେ କିଛି ନା କିଛି ପରିବେଶ ସଂରକ୍ଷଣର ବାର୍ତ୍ତା ଦେଇ ଲୋକଙ୍କ ନିକଟରେ ପହଞ୍ଚୁଥାନ୍ତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। ଆଲୋକର ପର୍ବ ଦୀପାବଳୀକୁ ପ୍ରଦୂଷଣ ଏବଂ ବିପଦମୁକ୍ତ କରିବା ପାଇଁ ନିଆରା ଶୈଳୀରେ ସବୁଜ ଦୀପାବଳୀ ପାଳନ ଉପରେ ଗୁରୁତ୍ୱ ଦେଇଛନ୍ତି। ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ଠାରେ ରହୁଥିବା ଶ୍ରୀ ସାହୁ ଇକୋ-ଫ୍ରେଣ୍ଡଲି ଦୀପାବଳୀର ଉପାଦେୟତାକୁ ସିଡ୍‌ବଲ୍ ରେ ଫୁଟାଇଛନ୍ତି। ପରିବେଶ ଉପଯୋଗୀ ବିହନ ପେଣ୍ଟୁ (ସିଡ୍‌ବଲ୍)ରେ ଦୀପ ତିଆରି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ମାଟି, ମଞ୍ଜି ଓ ଖତରେ ପ୍ରସ୍ତୁତ ଏହି ବିହନ ପିଣ୍ଡୁଳା ଗୁଡ଼ିକୁ ପ୍ରଜ୍ୱଳିତ ଦୀପ ଆକାରରେ ସଜ୍ଜିତ କରାଇ ଜନସାଧାରଣଙ୍କୁ ସଚେତନତା ଉଦ୍ଦେଶ୍ୟରେ ସବୁଜ ଦୀପାବଳୀ ପାଳନ ପାଇଁ ଆହ୍ୱାନ ଜଣାଇଛନ୍ତି। 'ସେ ନୋ ଟୁ କ୍ରାକର୍ସ'କୁ ସମର୍ଥନ କରି ସୁଶାନ୍ତ କୁହନ୍ତି ଦେଶରେ ୫୦ ପ୍ରତିଶତ ବାୟୁ ପ୍ରଦୂଷଣ ଦୀପାବଳୀ ସମୟରେ ହୋଇଥାଏ। ବାଣରୁ ନିର୍ଗତ ଧୂଆଁରେ ସଲ୍‌ଫର ଡ଼ାଇଅକ୍ସାଇଡ୍, କାର୍ବନ ଡ଼ାଇଅକ୍ସାଇଡ୍ ଓ କାର୍ବନ ମନୋଅକ୍ସାଇଡ୍ ପରି ମାରାତ୍ମକ ଗ୍ୟାସ୍ ଶ୍ୱାସ ପରି ମାରାତ୍ମକ ରୋଗ ସୃଷ୍ଟି କରେ। ଶବ୍ଦ ପ୍ରଦୂଷଣର ଜ୍ୱାଳା ମଧ୍ୟ ଭୋଗିବାକୁ ପଡ଼ିଥାଏ। ବାଣ ବ୍ୟବହାର ନକରି କେବଳ ଦୀପ ଜାଳି ଉତ୍ସବ ପାଳନ କରିବା ପାଇଁ ଜନସାଧାରଣଙ୍କୁ ସେ ନିବେଦନ କରିଛନ୍ତି ଯାହାକି ଏକ ସବୁଜ ସୁନ୍ଦର ପରିବେଶ ତିଆରିରେ ସହାୟକ ହୋଇପାରିବ। ସବୁଜ ଦୀପାବଳୀର ବାର୍ତ୍ତାଟିକୁ ବ୍ୟାପକ ଭାବରେ ପ୍ରସାର ପାଇଁ ସୁଶାନ୍ତଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ଗଞ୍ଜାମ ଜିଲ୍ଲାରେ ନୂଆ ୧୧ କରୋନା ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୧୫।୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ନୂଆ ୧୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଭର୍ତ୍ତି କରାଯାଇଛି। ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୧,୪୭୮କୁ ବୃଦ୍ଧି ପାଇଛି। ସେହିପରି ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୩୦ ରହିଛି ।

ବରିଷ୍ଠ ସାମ୍ବାଦିକ, ସମାଜସେବୀ ନବୀନାନନ୍ଦ ଗନ୍ତାୟତଙ୍କ ପରଲୋକ

ପାରଳାଖେମୁଣ୍ଡି,୧୫।୧୧ (ନି.ପ୍ର): ଗଜପତି ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ନବୀନାନନ୍ଦ ଗନ୍ତାୟତଙ୍କ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି । ଗତ ଶୁକ୍ରବାର ଅପରାହ୍ନରେ ତାଙ୍କର ପରଲୋକ ଘଟିଛି । ସେ ପୂର୍ବରୁ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ଗତ ୧୧ ଅକ୍ଟୋବରରେ ସେ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗତ ୧୩ ତାରିଖ ଅପରାହ୍ନ ୪ଟା ସମୟରେ ତାଙ୍କର ପରଲୋକ ଘଟିଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜିଲ୍ଲା ତଥା ରାଜ୍ୟର ସାମ୍ବାଦିକ ମହଲରେ ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ ନବୀନାନନ୍ଦ ଗନ୍ତାୟତ ଦୀର୍ଘ ବର୍ଷ ଧରି ହିନ୍ଦୁସ୍ଥାନ ସମାଚାରର ଗଜପତି ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟ କରି ଆସିଥିଲେ । ବୟସାଧିକ୍ୟ ସତ୍ତ୍ୱେ ସେ ବିଭିନ୍ନ ସମୟରେ ଘଟଣାସ୍ଥଳକୁ ଯାଇ ଖବର ସଂଗ୍ରହ କରୁଥିଲେ । ତାଙ୍କର ଖବର ସଂଗ୍ରହ ଶୈଳି ଓ ବଳିଷ୍ଠ ଉପସ୍ଥାପନା ଅନନ୍ୟ ଥିଲା । ସତ୍ୟ, ନିରପେକ୍ଷ ଏବଂ ନିର୍ଭିକ ସାମ୍ବାଦିକତା ତାଙ୍କୁ ଏକ ନୂଆ ପରିଚୟ ଦେଇଥିଲା । ତାଙ୍କ ବିୟୋଗରେ ହିନ୍ଦୁସ୍ଥାନ ସମାଚାର କାର୍ଯ୍ୟାଳୟ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି । ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଏନେଇ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଉପସ୍ଥିତ କର୍ମକର୍ତା ମାନେ ସ୍ୱର୍ଗତ ଗନ୍ତାୟତଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

ଦୁଇ ଦିନରେ କନ୍ଧମାଳରେ ୧୬ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ: ଜିଲ୍ଲାରେ ମୋଟ୍ ୫,୮୩୪ ସଂକ୍ରମିତ

କନ୍ଧମାଳ,୧୫।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଦୁଇ ଦିନରେ ମୋଟ୍ ୧୬ ଜଣ ନୂଆ କୋଭିଡ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଶନିବାର ଦିନ ୬ ଜଣ ଏବଂ ଆଜି ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହି ସଂକ୍ରମିତ ମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫,୮୩୪ କୁ ବୃଦ୍ଧି ପାଇଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ୫,୭୧୯ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୨ ରହିଛି । ଆଉ ୮୨ ଜଣ ସଂକ୍ରମିତ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଶନିବାର ଦିନ ଚିହ୍ନଟ ହୋଇଥିବା ୬ ଜଣଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରେ ୩ ଜଣ ଚିହ୍ନଟ ହୋଇଥିବାବେଳେ ଜିଲ୍ଲାର ଚକାପାଦରେ ୨ ଜଣ ଏବଂ ଖଜୁରିପଡାର ଜଣେ ରହିଥିବା ଜଣାପଡିଛି । ସେହିପରି ଆଜିର ଚିହ୍ନଟ ମାନଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରେ ୩ ଜଣ, ଚକାପାଦର ୨ ଏବଂ ଜିଲ୍ଲାର ବାଲିଗୁଡା, ରାଇକିଆ, ଫିରିଙ୍ଗିଆ, ଖଜୁରିପଡା ଓ ତୁମୁଡିବନ୍ଧ ଅଂଚଳର ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରଶାସନତ ସୂତ୍ରରୁ ଜଣାପଡିଛି ।

ଖାସବାହାଲ ପଂଚାୟତରେ ଦ୍ୱିତୀୟ ପର୍ଯ୍ୟାୟ କ୍ରପ କଟିଂ

ନୂଆପଡା, ୧୫ ନଭେମ୍ବର (ହି.ସ.)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତରେ ଦ୍ୱିତୀୟ ପର୍ଯ୍ୟାୟ କ୍ରପ କଟିଂ କରାଯାଇଛି । ଚଳିତ ଖରିଫ ଋତୁରେ ଉତ୍ପାଦିତ ଧାନର ପରିମାଣ ଜାଣିବା ପାଇଁ ରିଲାଏନ୍ସ ବୀମା କମ୍ପାନୀ ଓ ସରକାରୀ ବିଭାଗ ଷ୍ଟାଟିଷ୍ଟିକାଲ ଓ କୃଷି ବିଭାଗର କର୍ମଚାରୀ ମାନେ ମିଳିତ ଭାବରେ କ୍ରପ କଟିଂ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ତିନିଟି ଜମିର କ୍ରପ କଟିଂ ହୋଇଥିବା ବେଳେ ଏ ପର୍ଯ୍ୟାୟରେ ୪ ଗୋଟି ଜମିର କ୍ରପ କଟିଂ କରାଯାଇଛି । ଚଳିତ ବର୍ଷ ରୋକପୋକ ଲାଗି ଧାନ ଫସଲ ନଷ୍ଟ ହୋଇଯାଇଥିବାରୁ କମ ପରିମାଣରେ ଅମଳ ହେଉଥିବା ଜଣାପଡିଛି । ଉକ୍ତ ପଂଚାୟତ ଦୀର୍ଘ ବର୍ଷରୁ ମରୁଡିର ଶିକାରରେ ପଡି ଆସୁଅଛି । ଚାଷୀ ମାନେ ପ୍ରତିବର୍ଷ କୃଷି ବୀଡ଼ା କରି ପ୍ରିମିୟମ ଭରୁଥିଲେ ସୁଦ୍ଧା ଓ ସରକାର ମରୁଡି ଘୋଷଣା କରିଥିଲେ ମଧ୍ୟ ବୀମା କମ୍ପାନୀ ବୀମା ରାଶି ଦେଉଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏବର୍ଷ କମ ପରିମାଣରେ ଧାନ ଫସଲ ଉତ୍ପାଦନ ହୋଇଥିବାରୁ ଉପଯୁକ୍ତ ବୀମାରାଶି ପ୍ରଦାନ କରିବାକୁ ଦାବୀ କରାଯାଇଛି ।

ପରଲୋକରେ ରାଇରଙ୍ଗପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଛତିଶ ଚନ୍ଦ୍ର ମହାନ୍ତ

ବାରିପଦା,୧୫।୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଛତିଶ ଚନ୍ଦ୍ର ମହାନ୍ତ(୫୯)ଙ୍କର ଗତ ଶନିବାର ପୂର୍ବାହ୍ନ ସାଢ଼େ ୮ ସମୟରେ କୋଲକାତା ଘରୋଇ ହସପିଟାଲରେ ଦେହାନ୍ତ ହୋଇଯାଇଛି । ଡ଼ା.ମହାନ୍ତ ମଧୁମେହ ଓ କିଡ଼ନୀ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ଧର୍ମପତ୍ନୀ ତଥା ଶିକ୍ଷୟତ୍ରୀ ମମତା ମହାନ୍ତ ଶଳା ତଥା ବିଜେପିର ବରିଷ୍ଠ ନେତା ବିକାଶ ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ । ଡ଼ା. ମହାନ୍ତଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ରାଇରଙ୍ଗପୁର ଅଂଚଳରେ ଶୋକର ଛାୟା ଖେଳାଇ ଯାଇଥିଲା । ପ୍ରକାଶ ଥାଉକି, ଡ଼ା ଛତିଶ ଚନ୍ଦ୍ର ମହାନ୍ତ ରାଇରଙ୍ଗପୁରସ୍ଥିତ ଉପଖଣ୍ଡ ହସପିଟାଲରେ ପ୍ରାୟ ୧୪ ବର୍ଷ ଧରି ନିଷ୍ଠାର ସହ ସ୍ୱାସ୍ଥ୍ୟସେବା ପ୍ରଦାନ କରିଆସୁଥିଲେ । ତାଙ୍କର ଆପ୍ରାଣ ଉଦ୍ୟମ ଓ କାର୍ଯ୍ୟଦକ୍ଷତା ପାଇଁ ହସପିଟାଲଟିର ନବକଳେବର ସମ୍ଭବ ହୋଇପାରିଥିଲା ଏବଂ ରାଇରଙ୍ଗପୁର ହସପିଟା ୨ ଥର ରାଜ୍ୟରେ ପ୍ରଥମ ହୋଇ କାୟାକଳ୍ପ ପୁରସ୍କାର ପାଇଥିବା ବେଳେ ୨ ଥର ଦ୍ୱିତୀୟ ସ୍ଥାନରେ ରହିଥିଲା । ହସପିଟାଲର ସର୍ବାଙ୍ଗୀନ ଉନ୍ନତି ସହ ଜନସାଧାରଣଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ଦିନ ରାତି ଏକ କରି ଦେଇଥିଲେ । ଆଜି ତାଙ୍କର ମରଶରୀର କୋଲକାତାରୁ ଆସି ତାଙ୍କର ବାସ ଭବନରେ ପହଁଚିବା ପରେ ସେଠାରେ ଜନସାଧାରଣ ଶେଷ ଦର୍ଶନ କରିଥିଲେ । ଏହାପରେ ତାଙ୍କର ପାର୍ଥିବ ଶରୀରକୁ ଫଂଚପୀଢ଼ ଉପଖଣ୍ଡସ୍ଥିତ ପୈତୃକ ଗ୍ରାମ କୁଦରସାହିକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ବାରିପଦା,୧୫।୧୧ (ନି.ପ୍ର): ଆଜି ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ସଙ୍ଗଠନର ସଭାପତି ଧରମରାଜ ହାଁସଦାଃଙ୍କ ପୌରହିତ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ୧୪୫ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ସଂଗଠନର ଉପସଭାପତି ଚନ୍ଦନ ସିଂଙ୍କ ନେତୃତ୍ୱରେ ଶାମାଖୁଂଟା ବ୍ଲକର ପୋଡ଼ାଅସ୍ତିଆ ଛକରେ ଥିବା ସହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଢ଼ୋଲ, ମାଦଳ ଆଦି ବଜାଇ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା । ଏଥି ସହିତ ବିର୍ସା ମୁଣ୍ଡା ଯେପରି ନିଜ ଜାତି ଓ ଦେଶକୁ ଇଂରେଜମାନଙ୍କ କବଳରୁ ମୁକ୍ତ କରାଇବା ନିମନ୍ତେ ସଂଗ୍ରାମ ଚଳାଇ ଥିଲେ ଠିକ୍ ସେହିପରି ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ମୟୂରଭଞ୍ଜର ହକ୍ ଓ ସାମୂହିକ ସ୍ୱାର୍ଥ ରକ୍ଷା ନିମନ୍ତେ ସଂଗ୍ରାମ ଚଳାଇବ ବୋଲି ବକ୍ତାମାନେ ମତପୋଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ସିଂ, ଶକ୍ତି ସିଂ, ଦୀପୁ ସିଂ, ମୁକ୍ତା ସିଂ, ରାହୁଳ ସିଂ, ଦୀପକ ସିଂ, ବାପିନୀ ସିଂ ପ୍ରମୁଖଙ୍କ ସମେତ ସଂଗଠନର ଶାମାଖୁଂଟା ବ୍ଲକ କମିଟିର ସମସ୍ତ କର୍ମକର୍ତା ଓ ସଦସ୍ୟମାନେ ଯୋଗ ଦେଇ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ । ସେହିପରି ବିଜେଡ଼ି, ବିଜେପି , ଜେଏମଏମ ଓ ଭଞ୍ଜସେନା ଆଦି ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ସହୀଦ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଥିଲା ଏବଂ ଉପରୋକ୍ତ ସମସ୍ତ ସଙ୍ଗଠନର କର୍ମକର୍ତା , ସଦସ୍ୟ ଓ ସମର୍ଥକମାନେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ବୈଜ୍ଞାନିକ ହେବା ପାଇଁ ଚେଷ୍ଟା, ଧୈର୍ଯ୍ୟ ଓ ଜିଜ୍ଞାସା ଆବଶ୍ୟକ

ନବରଙ୍ଗପୁର,୧୫।୧୧ (ନି.ପ୍ର): ବୈଜ୍ଞାନିକ ହେବାକୁ ହେଲେ ଦୃଢ ଚେଷ୍ଟା, ଧୈର୍ଯ୍ୟ ଓ ଜିଜ୍ଞାସା ରହିବା ଆବଶ୍ୟକ ବୋଲି ସି.ଏସ.ଆଇ.ଆର.ଆଇ.ଏମ.ଏମ.ଟି ର ମୁଖ୍ୟ ବୈଜ୍ଞାନିକ ତଥା ବିଶିଷ୍ଟ ଖଣିଜପଦାର୍ଥ ବୈଜ୍ଞାନିକ ଡଃ.ସୁରେନ୍ଦ୍ର କୁମାର ବିଶ୍ୱାଳ ମତପ୍ରକାଶ କରିଛନ୍ତି । "ମୁଁ'ବି ସମର୍ଥ" କାର୍ଯ୍ୟକ୍ରମରେ ଯୋଗଦେଇ ଭୂତତ୍ୱ ବିଜ୍ଞାନରେ କ୍ୟାରିୟର ଗଠନର ବିଭିନ୍ନ ଦିଗ ସଂପର୍କରେ ଅବଗତ କରାଇଥିଲେ । ନାଗପୁରସ୍ଥିତ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସର ଅଧିକ୍ଷକ ଡଃ.ଦିଲୀପ ରଞ୍ଜନ କାନୁନଗୋ ଯୋଗଦେଇ ଅଧ୍ୟାପନା, ଶିଳ୍ପ ଓ ସରକାରୀସ୍ତରରେ ଭୂତତ୍ୱ ବିଜ୍ଞାନର ଗୁରୁତ୍ୱ ସଂପର୍କରେ ବୁଝାଇଥିଲେ । ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ପରିବେଶ ବିଜ୍ଞାନ ଭଳି ବିଭିନ୍ନ ପାଠ୍ୟକ୍ରମ ରହିଥିବାବେଳେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖଣିଜ ବିଜ୍ଞାନର ପାଠ୍ୟକ୍ରମ ରହିଛି । ସେହିଭଳି ସମୁଦ୍ର ବିଜ୍ଞାନ ଓ କୃଷି କ୍ଷେତ୍ରରେ ମଧ୍ୟ କର୍ମସଂସ୍ଥାନ ରହିଥିବା ଡଃ, କାନୁନ୍‌ଗୋ ମତବ୍ୟକ୍ତ କରିଥିଲେ । ସି.ଏସ.ଆଇ.ଆର.ଆଇ.ଏମ.ଏମ.ଟି, ଭୂବନେଶ୍ୱରର ବୈଜ୍ଞାନିକ ଡି.ଏସ. ରାଓ ଯୋଗଦେଇ ଭୂତତ୍ୱ ବିଜ୍ଞାନରେ ରହିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଳ୍ପ ଓ ସରକାରୀ ଗବେଷଣା ପ୍ରତିଷ୍ଠାନରେ ରହିଥିବା ଗବେଷଣା ସଂପର୍କରେ ସେ ସୂଚାଇଥିଲେ । କଲିକତାସ୍ଥିତ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ଅଧିକ୍ଷକ ଡଃ.ରଶ୍ମୀରଞ୍ଜନ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନେ କ୍ୟାରିୟର ସଂପର୍କ କାର୍ଯ୍ୟକ୍ରମରେ ମାଧ୍ୟମରେ ସେମାନଙ୍କୁ ନିଶ୍ଚିତ ଭାବେ ଦିଗଦର୍ଶନ ମିଳିପାରୁଥିବା କହିବା ସହ ଭୂତତ୍ୱ ବିଜ୍ଞାନର ଆବଶ୍ୟକତା ଓ ଚାହିଦା ସଂପର୍କରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ଲକ୍ଷ୍ମୀନାରାୟଣ ବକ୍ସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବାଣ ଜବତ, ବେପାରୀ ଗିରଫ

କୋରେଇ,୧୫।୧୧ (ନି.ପ୍ର): ସରକାରଙ୍କ ସମସ୍ତ ନିର୍ଦ୍ଦେଶ ଓ କଟକଣା ଥାଇ ମଧ୍ୟ କିଛି ବାଣବେପାରୀ ଲୁଚାଛପାରେ ବାଣ ବିକ୍ରି କରି ଧରାପଡିଛନ୍ତି । ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଶଙ୍ଖଚିଲା ମଠପାଟଣା ଗ୍ରାମରେ ବାଣ ବିକ୍ରିର ସୂଚନା ପାଇ ଥାନାଧିକାରୀ ଚକ୍ରପତି କୁଅଁର ସଦଳବଳେ ସେଠାରେ ଚଢଉ କରିଥିଲେ । ଚଢ଼ଉ ସମୟରେ ଘଟଣାସ୍ଥଳରୁ ବିପୁଳ ପରିମାଣର ବାଣ ଜବତ କରାଯାଇଛି । ଏନେଇ ଏକ ମାମଲା ୨୫୪/୨୦ ରୁଜୁ ହେବା ସହ ବାଣ ବେପାରୀ ମଠପାଟଣା ଗ୍ରାମର ଶଙ୍କର ସାହୁଙ୍କ ପୁଅ ଇଶ୍ୱର ସାହୁଙ୍କୁ ଗିରଫ କରାଯାଇଛି ।

ଗୁରୁତର ରୋଗରେ ଆକ୍ରାନ୍ତ ବୃନ୍ଦାବନ, ଆର୍ଥୀକ ସହାୟତା ଦାବି

ଧର୍ମଶାଳା,୧୫।୧୧ (ନି.ପ୍ର): ସରକାର ଗ୍ରାମଚଂଳରେ ରୋଗୀ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା କରୁଛନ୍ତି । ଏହି ଯୋଜନା ଅନେକ ଦରିଦ୍ର ସୀମାରେଖା ତଳେ ବସବାସ କରୁଥିବା ଜନସାଧାରଣ ସମସ୍ତ ସୁବିଧା ପାଇ ପାରୁଛନ୍ତି । ଏବଂ ଅସହାୟ ରୋଗୀମାନଙ୍କ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଆର୍ଥୀକ ସହାୟତା ପ୍ରଦାନ କରାଯାଉଛି । ହେଲେ ଏହି ସହାୟତା ପାଇବାରୁ ଅନେକ ରୋଗୀ ବଂଚିତ ହେଉଥିବା ଦେଖିବାକୁ ମିଳିଛି । ଏଭଳି ଅଭିଯୋଗ ହୋଇଛି ଧର୍ମଶାଳା ବ୍ଲକ ଅରାବଳ ପଂଚାୟତସ୍ଥ ରାୟଧରାପୁର ଗ୍ରାମରେ । ଏହି ଗ୍ରାମର ବୃନ୍ଦାବନ ସାହୁ(୬୧) ବର୍ଷେ ହେବ ମେରୁଦଣ୍ଡ ରୋଗରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ଅଭାବରୁ ରୋଗଶଯ୍ୟାରେ ପଡି ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଛି । ଘରେ ବୃନ୍ଦାବନଙ୍କ ସମେତ ତାଙ୍କ ପତ୍ନୀ ,୨ ପୁଅ ଓ ଗୋଟିଏ ଝିଅକୁ ନେଇ ପରିବାର । ବୃନ୍ଦାବନ ଦିନ ମଜୁରୀଆଭାବେ କାମ କରି ଯାହା ଆଣନ୍ତି ତାହା ପରିବାର ଚଳେ । ବର୍ଷେ ହେବ ସେ ମେରୁଦଣ୍ଡ ରୋଗର ଶିକାର ହୋଇ ଘରେ ବେରୋଜଗାର ହେବା ସହ ଘରେ ପଡି ରହିଛନ୍ତି । ତାଙ୍କ ପାଖରେ ଯାହା ସମ୍ବଳ ଥିଲା ତାହା ଚିକିତ୍ସାରେ ଖର୍ଚ୍ଚ କରିଦେଇଛନ୍ତି । ଫଳରେ ଏବେ ଅର୍ଥ ଅଭାବରୁ ଔଷଧ ଟିକେ ଖାଇବାକୁ ପାଉନାହାନ୍ତି । ପରିବାର ଚଳିବା କଷ୍ଟକର ହେବାରୁ ୨ ପୁଅ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ । ତେବେ କରୋନା ମହାମାରୀ ସମୟରେ ସେମାନେ ଘରକୁ ଫେରି ଆସିଛନ୍ତି । ଏଠାରେ କାମ ସବୁ ବେଳେ ନ ପାଇବାରୁ ଏବେ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି । ଏତେ ଟଙ୍କା କେଉଁ ଆଣି ଚିକିତ୍ସା କରିବେ ଏନେଇ ସେମାନଙ୍କ ପରିବାର ଚିନ୍ତାରେ ପଡିଛନ୍ତି । ଏନେଇ ତାଙ୍କ ପରିବାର ସ୍ଥାନୀୟ ବିଧାୟକ ଓ ଜିଲାପାଳଙ୍କ ନିକଟରେ ଆର୍ଥୀକ ସହାୟତା ପାଇଁ ନିବେଦନ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି । ଜିଲା ପ୍ରଶାସନ,କେହି ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ସଂଗଠନ ସେମାନଙ୍କ ପରିବାର ପ୍ରତି ଦୃଷ୍ଟି ଦେଇ ଆର୍ଥୀକ ସହାୟତା ପ୍ରଦାନ କରିବା ଏହି ଅସହାୟ ପରିବାର ନିବେଦନ କରିଛନ୍ତି ।

ବିଦ୍ୟୁତ ଆଘାତରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ନୂଆପଡା,୧୫।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ସରଧାପୁର ପଂଚାୟତର ଗୋଡତଳା ଗ୍ରାମର ଦାଦନ ଶ୍ରମିକ

ମୂଳାର ଉପକାରିତା

ଶୀତ ଋତୁରେ ସମସ୍ତଙ୍କ ରୋଷେଇ ଘରେ କିଛି ଥାଉ କି ନଥାଉ ମୂଳା ନିଶ୍ଚିତ ଥାଏ । ସାଧାରଣତଃ ଶୀତ ଋତୁରେ ମୂଳା ଖାଇବା ସ୍ୱାସ୍ଥ୍ୟପ୍ରତି ବେଶ୍ ଲାଭବାନ ହୋଇଥାଏ । ତେବେ ମୂଳା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟକୁ କ'ଣ ଲାଭ ମିଳିଥାଏ ଆସନ୍ତୁ ଜାଣିବା ।

ଥଣ୍ଡା ଓ କାଶରୁ ବଞ୍ଚାଏ:- ସାଧାରଣତଃ ଶୀତ ଋତୁରେ ସମସ୍ତଙ୍କୁ ଥଣ୍ଡା ଓ କାଶ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । ଏଥିରେ ଆଣ୍ଟି - କଞ୍ଜେଷ୍ଟିଭ୍ ଗୁଣ ଥାଏ ଯାହା ଗଳାର କଫ ସଫା କରିବାରେ ସହାୟକ ହୋଇଥାଏ ।

ରକ୍ତଚାପ ନିୟନ୍ତ୍ରଣ କରେ:- ମୂଳା ଶରୀରର ସୋଡ଼ିୟମ ପୋଟାସିୟମ ସନ୍ତୁଳନକୁ ନିୟନ୍ତ୍ରଣ କରି ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ । ଏଥିସହ ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।

ଚର୍ମକୁ ସୁସ୍ଥ ରଖେ:- ମୂଳାରେ ସବୁ ପ୍ରକାରର ଭିଟାମିନ ରହିବା ସହିତ ଏଥିରେ ଫସ୍‌ଫରସ୍ ରହିଥାଏ, ଯାହା ଆମ ଚର୍ମର ଶୁଷ୍କପଣ ଏବଂ ଚର୍ମ ଫାଟିବାରୁ ରକ୍ଷା କରିଥାଏ । ଏଥିସହ ମୂଳାରେ ଅଧିକ ପରିମାଣରେ ପାଣି ରହିଥାଏ ଯାହା ତ୍ୱଚାକୁ ଉଜ୍ଜଳପଣ ଦେଇଥାଏ । ସେଥିପାଇଁ ପ୍ରତିଦିନ ମୂଳା ଖାଇବା ଉଚିତ୍ ।

ମଧୁମେହ ନିୟନ୍ତ୍ରଣ କରେ:- ମୂଳାରେ ଥିବା ପ୍ରଚୁର ପରିମାଣର ଫାଇବର ଶରୀରର ମଧୁମେହକୁ ନିୟନ୍ତ୍ରଣ କରିଥାଏ । ସେଥିପାଇଁ ଯେଉଁମାନେ ମଧୁମେହ ରୋଗରେ ପୀଡ଼ିତ ସେମାନେ ପ୍ରତିଦିନ ମୂଳା ଖାଇବା ଆବଶ୍ୟକ ।

ଭୋକ ବଢ଼ାଇଥାଏ: ଯଦି କାହାକୁ ଭୋକ ଲାଗୁନଥିବାର ସମସ୍ୟା ଥାଏ ତାଙ୍କୁ ମୂଳା ରସ ସହ ଅଦା ରସ ମିଶାଇ ପିଇବାକୁ ଦିଅନ୍ତୁ । ଏହା କରିବା ଦ୍ୱାରା ଭୋକ କଲାଗିବା ସହ ପେଟ ଜନିତ ରୋଗ ମଧ୍ୟ ଭଲ ହୋଇଥାଏ ।



ଫୁଟୱେୟାର ଫେଶନ



ପାର୍ଟିକିମ୍ବା ମ୍ୟାରେଜ୍ ଫଙ୍କସନ୍‌ରେ ଝିଅ ତଥା ମହିଳା ମାନେ ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ପୋଷାକ ଏବଂ ଜୋତା ପ୍ରତି ବିଶେଷ ଧ୍ୟାନ ଦେଇଥାନ୍ତି । କୌଣସି ଫଙ୍କସନରେ ଯଦି ଫୁଟ୍‌ୱେୟାର ବା ଜୋତା ସୁନ୍ଦର ନ ହୋଇଥାଏ, ତେବେ ତାହା ପୁରା ଲୁକ୍‌କୁ ବିଗାଡ଼ି ଦେଇଥାଏ । ସାଧାରଣତଃ ଝିଅମାନେ ଏମ୍ବ୍ରୋଡେରୀ ଆଉଟଫିଟ୍ ପିନ୍ଧିବାକୁ ପସନ୍ଦ କରିଥାଏ । ନିକଟରେ ଏହି ଏମ୍ବ୍ରୋଡୋରୀ ଲୁକ୍ ଫୁଟୱେୟାରରେ ମଧ୍ୟ ନଜର ଆସିଲାଣି । ଏହି ଲମ୍ବ୍ରୋଡୋରୀ ଫୁଟ ୱେୟାରରଟ୍ରେଣ୍ଡି ଏବଂ ଷ୍ଟାଇଲିସ୍ ହେବ । ସହ ଏହା ପିନ୍ଧିବାକୁ ବେଶ୍ ଆରାମଦାୟକ । ଏମ୍ବ୍ରୋଡୋରୀ ଫୁଟୱେୟାର ସବୁ ପ୍ରକାର ଡ୍ରେସ୍ ଏବଂ ଶାଢ଼ୀରେ ସୁନ୍ଦର ଲାଗିଥାଏ । ଏହି ପ୍ରକାରର ଫୁଟ୍‌ୱେୟାର ଝିଅଙ୍କ ସହ ମହିଳାଙ୍କୁ ମଧ୍ୟ ଏକ ନିଆରା ଲୁକ୍ ଦେଇଥାଏ ।

ଯୋଗଦ୍ୱାରା ସାଇନସର ଉପଚାର

ସାଇନସ ହେଉଛି ନାକ ସମ୍ବନ୍ଧିତ ଏକ ସମସ୍ୟା । ଏହି ସମସ୍ୟା ଥଣ୍ଡା ପାଗରେ ଅଧିକ ହୋଇଥାଏ । ନାକ ବନ୍ଦ ହେବା, ମୁଣ୍ଡ ଓ ଅଧକପାଳୀ ବିନ୍ଧା ପରି ସମସ୍ୟା ହୋଇଥାଏ ନାକରୁ ପାଣି ବାହାରିଯିବା ଆଦି ଏହାର ପ୍ରମୁଖ ଲକ୍ଷର । ଏହା ବ୍ୟତୀତ ହାଲୁକା ଜ୍ୱର, ଆଖି ପଲକରେ ଯନ୍ତ୍ରଣା ହେବା, ଅବସାଦ କାରଣରୁ ଚେହେରା ଫୁଲିଯିବା । ଆଗାମୀ ଦିନରେ ଏହି ରୋଗ ଆଜମା, ଦମା ପରି ଗଭୀର ବେମାରୀରେ ପରିଣତ ହୁଏ । କିନ୍ତୁ ଯୋଗ ଦ୍ୱାରା ଏହି ରୋଗରୁ ମୁକ୍ତି ପାଇହେବ ।

ସୂର୍ଯ୍ୟନମସ୍କାର: ସୂର୍ଯ୍ୟ ନମସ୍କାର ସବୁ ଆସନ ମଧ୍ୟରେ ମୁଖ୍ୟ ଆସନ ବୋଲି ବିଚାର କରାଯାଏ । ଏହାଦ୍ୱାରା ସାଇନସ ସମସ୍ୟାରୁ ମୁକ୍ତି ମିଳିଥାଏ । ପ୍ରତ୍ୟହ ଏହି ଆସନ କରିବା ଦ୍ୱାରା ଶରୀରକୁ ଉର୍ଜା ମିଳିବା ସହ ଭିଟାମିନ ଡି ମଧ୍ୟ ମିଳିଥାଏ । ୧୨ ମୁଦ୍ରା ବିଶିଷ୍ଟ ଏହି ଆସନ ସାଇନସରୁ ମୁକ୍ତି ଦେବା ସହ ଅବସାଦକୁ କମ କରି ଓଜନ ହ୍ରାସ କରିଥାଏ ।



ପଶ୍ଚିମୋତ୍ତାନାସନ: ଏହି ଆସନ କରିବା ବହୁତ ସହଜ । ଏହା କରିବା ସମୟରେ କ୍ଲାନ୍ତି ଲାଗେ ନାହିଁ । ଏହା ସାଇନସ ସହ ଅନିଦ୍ରାର ଉପଚାର ପାଇଁ ମଧ୍ୟ ସାହାଯ୍ୟ କରିଥାଏ । ଏହି ଆସନ କରିବା ପାଇଁ ପ୍ରଥମେ ଆପଣ ସିଧା ବସନ୍ତୁ ଓ ଦୁଇ ପାଦକୁ ସିଧା ଯୋଡ଼ି ରଖି ଦୁଇ ହାତକୁ ଉପରକୁ ଉଠାନ୍ତୁ ଓ ଅଣ୍ଟା ସିଧା ରଖନ୍ତୁ । ଏହାପରେ ଦୁଇପାଦର ଆଙ୍ଗୁଠିକୁ ହାତରେ ଛୁଇଁବାକୁ ଚେଷ୍ଟା କରନ୍ତୁ । ଧ୍ୟାନ ରଖିବେ ଏହି ସମୟରେ ଆଣ୍ଠୁ ଯେପରି ମୋଡ଼ି ହୋଇ ନରୁହେ । ଏହା ସହ ପାଦ ମଧ୍ୟ ଭୂମିରୁ ଉପରକୁ ଉଠାଇବେ ନାହିଁ ।

ଉତ୍ତାନାସନ: ଏହି ଯୋଗାସନ ମଧ୍ୟ ସାଇନସରୁ ଆରାମ ଦେବାରେ ସହାୟକ ହୋଇଥାଏ । ଏହାସହ ଶ୍ୱାସକ୍ରିୟା ସମ୍ବନ୍ଧିତ ଅନ୍ୟ ବେମାରୀରୁ ମଧ୍ୟ ଉପଶମ ମିଳିଥାଏ । ଏହି ଆସନ ଆପଣଙ୍କ ମୁଣ୍ଡକୁ ତାଜା ରଖିଥାଏ । ଉତ୍ତାନାସନ କରିବା ପାଇଁ ପ୍ରଥମେ ଆପଣ ସିଧା ଠିଆ ହୁଅନ୍ତୁ । ଲମ୍ବା ନିଶ୍ୱାସ ନେଇ ଦୁଇ ହାତ ଉପରକୁ କରାନ୍ତୁ ଏହାପରେ ଆଗକୁ ନଇଁ ଦୁଇହାତରେ ଭୂମିକୁ ଛୁଅନ୍ତୁ । ଏହି ସମୟରେ ଆଣ୍ଠୁକୁ ଆଦୌ ମୋଡ଼ନ୍ତୁ ନାହିଁ । କିଛି ସମୟ ଏପରି ମୁଦ୍ରାରେ ରହିବା ପରେ ହାତକୁ ପୁନଃ ଉପରକୁ କରନ୍ତୁ ଓ ନିଶ୍ୱାସ ଛାଡ଼ି ସମାନ୍ୟ ଅବସ୍ଥାରେ ଛିଡ଼ା ହୋଇଯାଆନ୍ତୁ ।

ଭୋକ ଲାଗୁଥିଲେ ଖାଆନ୍ତୁ

ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଭୋକ ନଲାଗି ମଧ୍ୟ କିଛି ନା କିଛି ଖାଇବାର ଅଭ୍ୟାସ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ । ଶିକାଗୋର ଇଲିନୋଇଟସ ୟୁନିଭରସିଟିର ରିପୋର୍ଟ ଅନୁସାରେ, ଭୋକ ହେଉନଥିବା ବେଳେ ଖାଦ୍ୟ ଗ୍ରହଣ କରିବା ଠିକ ନୁହେଁ । ବୈଜ୍ଞାନିକଙ୍କ କହିବାନୁସାରେ, ଯେତେବେଳେ ଭୋକ ଲାଗିବ ସେତିକି ବେଳେ ଖାଦ୍ୟ ପାଖକୁ ଯିବା ଦରକାର । ଏଭଳି କଲେ ଶରୀରର ରକ୍ତ ଶର୍କରା ସ୍ତର ସାମାନ୍ୟ ରହିବ ଓ ସ୍ୱାସ୍ଥ୍ୟ ବି ଭଲ ରହିବ ।

ପେପ୍ଲମ୍ କୁର୍ତ୍ତା

ଏମ୍ବ୍ରୋଏଡ୍ ପେପ୍ଲମ କୁର୍ତ୍ତା : ଯଦି ଆପଣ କୌଣସି ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଉଥାନ୍ତି, ତାହେଲେ ଏ ଷ୍ଟାଇଲର ପେପ୍ଲମ କୁର୍ତ୍ତାକୁ ଟ୍ରାଇ କରିପାରିବେ । ସେହିପରି ଆପଣ ଚାହିଁଲେ ଏହା ସହିତ ଦୁପଟ୍ଟା ମଧ୍ୟ କ୍ୟାରି କରିପାରିବେ ।

ପୋଲ୍‌କା ଡଟ୍ ପେପ୍ଲମ କୁର୍ତ୍ତା : ପୋଲକା ଡଟ୍ ଥିବା ଯେକୌଣସି ଆଉଟଫିଟ୍ ପିନ୍ଧିଲେ ଫ୍ୟାଶନେବଲ୍ ଲୁକ୍ ମିଳିଥାଏ । ଆଉ ଖାସ କରି ପୋଲକା ଡଟ୍ ପେପ୍ଲମ କୁର୍ତ୍ତା ସିମ୍ପଲ୍ ଲୁକକୁ ବି ଷ୍ଟାଇଲିଶ୍ କରିଦିଏ । ସେହିପରି ପ୍ଲାଜୋ ସହିତ ଏ ଷ୍ଟାଇଲର କୁର୍ତ୍ତା ପରଫେକ୍ଟ ମ୍ୟାଚ କରିଥାଏ ।

ଫୁଲ୍ ସ୍ଲିଭସ୍ ପ୍ରିଣ୍ଟେଡ୍ ପେପ୍ଲମ କୁର୍ତ୍ତା : ଆପଣଙ୍କର ଯଦି କାଜୁଆଲ୍ ଲୁକ ପସନ୍ଦ ତାହେଲେ ଧୋତି ପ୍ୟାଣ୍ଟ ସହ ଫୁଲ ସ୍ଲିଭସ ବାଲା ପ୍ରିଣ୍ଟେଡ୍ ପେପ୍ଲମ କୁର୍ତ୍ତା ଟ୍ରାଏ କରନ୍ତୁ । ଦେଖିବେ ବେଶ୍ ମାନିବ । ତା ସଂଗକୁ ଯଦି ଆପଣ ହିଲ ପିନ୍ଧିବେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିବ ।

ଏମ୍ବ୍ରୋଏଡ୍ ପେପ୍ଲମ କୁର୍ତ୍ତା : କ୍ଲାସି ଲୁକ ପାଇଁ ଏହି ଷ୍ଟାଇଲ୍ର କୁର୍ତ୍ତାକୁ ଟ୍ରାଏ କରିପାରିବେ । ଖାସ କରି ପ୍ରିଣ୍ଟେଡ୍ ଲଂଗ ସ୍କର୍ଟ ସହ ଏହି କୁର୍ତ୍ତାକୁ ପିନ୍ଧିଲେ ଆକର୍ଷଣୀୟ ଲୁକ ମିଳିଥାଏ । ଆଉଟିଂରେ ଗଲା ବେଳେ ଏହି ଷ୍ଟାଇଲକୁ ଫଲୋ କଲେ ଖୁବ ସୁନ୍ଦର ଦେଖାଯାଇଥାଏ ।

ବର୍ଡର ଥିବା ପେପ୍ଲମ କୁର୍ତ୍ତା : ବର୍ଡ଼ର ଥିବା କୁର୍ତ୍ତାର ଡିମାଣ୍ଡ ସବୁବେଳେ ରହିଆସିଛି । ବିଶେଷକରି ବର୍ଡ଼ର ଥିବା ପେପ୍ଲମ କୁର୍ତ୍ତା ସହ ପଟିଆଲା ପ୍ୟାଣ୍ଟକୁ ମ୍ୟାଚ କରି ପିନ୍ଧିଲେ ଟ୍ରେଡି ଲୁକ ମିଳିଥାଏ ।

ହେଭି ୱାର୍କ ବାଲା ପେପ୍ଲମ କୁର୍ତ୍ତା : ପାର୍ଟି, ଫଙ୍କସନ୍ ପାଇଁ ୱାର୍କ ବାଲା ପେପ୍ଲମ କୁର୍ତ୍ତା ଟ୍ରାଏ କରନ୍ତୁ । ଦେଖିବେ ସୁନ୍ଦର ଦିଶିବ । ଏ ଷ୍ଟାଇଲର କୁର୍ତ୍ତା ସହ ପ୍ଲେନ୍ ପ୍ୟାଣ୍ଟ ହିଁ ଭଲ ମାନିଥାଏ ।

ନେଟ୍ କାମବାଲା ପେପ୍ଲମ କୁର୍ତ୍ତା : ଏବେ ମାର୍କେଟରେ ନେଟ୍ କାମ ବାଲା ପେପ୍ଲମ କୁର୍ତ୍ତା ସହ ମ୍ୟାଚିଂ କରି ନେଟ୍ କାମବାଲା ପ୍ଲେନ୍ ପ୍ୟାଣ୍ଟ ବି ମିଳୁଛି । ତା ସାଂଗକୁ ଏଥିରେ ମ୍ୟାଚିଂ ଦୁପଟ୍ଟା ମଧ୍ୟ ରହୁଛି । ଏହା ଦେଖିବାକୁ ଯେତିକି ଆକର୍ଷଣୀୟ ଲାଗିଥାଏ ପିନ୍ଧିବାରେ ମଧ୍ୟ ସେତିକି କମ୍ଫର୍ଟବଲ୍ ଲାଗେ । ଏହାକୁ ପାର୍ଟି, ଫଙ୍କସନକୁ ପିନ୍ଧି ଯାଇହେବ ।

କୁର୍ତ୍ତା ସବୁଠାରୁ କମ୍‌ଫର୍ଟେବଲ୍ ଆଉଟ୍ ଫିଟଟା ପେପ୍ଲମ୍ କୁର୍ତ୍ତା ହେଉଛି ସେମିତି ଏକ କୁର୍ତ୍ତା, ଯାହା ଧୋତି ପ୍ୟାଣ୍ଟ ହେଉ କିମ୍ବା ପ୍ଲାଜୋ ଅବା ଡ୍ରାଇଡ୍ - ଲେଗ୍ ପ୍ୟାଣ୍ଟ ଇତ୍ୟାଦି ସହ ପରଫେକ୍ଟ ମ୍ୟାଚ୍ କରିଥାଏ । ସେହିପରି ଏ ଷ୍ଟାଇଲର କୁର୍ତ୍ତାକୁ କାଜୁଆଲ୍ ଆଉଟିଂ ହେଉ ଅବା ପାର୍ଟି, ଫଙ୍କସନ୍ କିମ୍ବା ଅଫିସ ସବୁ କ୍ଷେତ୍ରରେ ପିନ୍ଧିହୁଏ । ସେମିତି କୋତୋଟି ଷ୍ଟାଇଲିଶ୍ ଡିଜାଇନର ପେପ୍ଲମ୍ କୁର୍ତ୍ତା

ପୁରୁଷଙ୍କୁ ମନା

ଆପଣ କେବେ ଶୁଣିଛନ୍ତି ଏମିତି ଏକ ଗାଁ ବିଷୟରେ ଯେଉଁଠି କେବଳ ମହିଳାମାନେ ହିଁ ରହିଥାନ୍ତି । ଏହି ଗ୍ରାମକୁ ପୁରୁଷ ପ୍ରବେଶ ନିଷେଧ । ଆଜ୍ଞା ହଁ ଦକ୍ଷିଣ ଆଫ୍ରିକାର କେନିଆରେ ସମ୍ବୁରୁ ନ୍ୟାସନାଲ ପାର୍କ ନିକଟରେ ରହିଛି ଏକ ଗାଁ, ଯେଉଁଠିକୁ ପୁରୁଷ ପ୍ରବେଶ ସମ୍ପୂର୍ଣ୍ଣ ଭାବେ ମନା । ଏଠାରେ କେବଳ ମହିଳାମାନେ ହିଁ ରହିଥାନ୍ତି । ଏହି ଗାଁର ମୂଳଦୁଆ ପଡ଼ିଥିଲା ୧୯୯୦ରେ ଏବଂ ଏହାକୁ ଗ୍ରାମର ମାନ୍ୟତା ଦେଇଥିଲେ ରିବେକା

ଲୋଲୋସୋଲି । ଏହି ଗାଁରେ ଏମିତି କିଛି ମହିଳା ରୁହନ୍ତି, ଯେଉଁମାନେ ବଳାତ୍କାର କିମ୍ବା ଘରୋଇ ହିଂସାର ଶିକାର ହୋଇଥାନ୍ତି । ଏହି ଗାଁରେ ଯେକୌଣସି ମହିଳା ନିଜ ଖୁସିରେ ଆସି ରହିପାରିବେ । ବହୁ ସମୟ ଏହି ଗାଁକୁ ପୁରୁଷ ପ୍ରବେଶ କରିବାକୁ ଚେଷ୍ଟା କରିଛନ୍ତି କିନ୍ତୁ ମହିଳାମାନେ ସେମାନଙ୍କୁ ତଡ଼ି ଦେଇଥାନ୍ତି । ଏଠାରେ କେବଳ ମହିଳାଙ୍କର ରାଜ୍ ଚାଲେ । ଏଠାରେ ସବୁ ବୟସର ମହିଳା ଏବଂ ଯୁବତୀ ରହିଛନ୍ତି । ଏଠାକାର ମହିଳାମାନେ ଗହଣା ପ୍ରସ୍ତୁତ କରି ବିକ୍ରି କରିଥାନ୍ତି ଏବଂ ପେଟ ପାଇଁ ଖାଦ୍ୟ ସଂଗ୍ରହ କରିଥାନ୍ତି ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୬ ନଭେମ୍ବର ୨୦୨୦, ସୋମବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ପଛୁଆ ପାଠ...

ସମଗ୍ର ବିଶ୍ୱର ଶିକ୍ଷା ବ୍ୟବସ୍ଥାକୁ ମହାମାରୀ କରୋନା ଗଭୀର ଭାବେ ପ୍ରଭାବିତ କରିଛି । ଶୈକ୍ଷିକ ବାତାବରଣ ଭିତରେ ଶିକ୍ଷା ଗ୍ରହଣ କରିବା ପିଲାଙ୍କ ପାଇଁ ସର୍ବୋତ୍କୃଷ୍ଟ; କିନ୍ତୁ ସ୍କୁଲ୍ କଲେଜ ସଂପୂର୍ଣ୍ଣ ବନ୍ଦ ରହିବା ଦ୍ୱାରା ଛାତ୍ରଛାତ୍ରୀ ଶ୍ରେଣୀକକ୍ଷରେ ପାଠ ପଢ଼ିବାରୁ ବଞ୍ଚିତ ହୋଇଛନ୍ତି । ତେବେ ବହୁ ଦେଶରେ ଧୀରେ ଧୀରେ ମହାମାରୀର ପ୍ରକୋପ ହ୍ରାସ ପାଇବା ପରେ ବିଦ୍ୟାଳୟଗୁଡ଼ିକ ଖୋଲିବାରେ ଲାଗିଛି । ଏଥିପାଇଁ ପ୍ରତିଷେଧମୂଳକ କଟକଣା ଜାରି କରାଯାଉଛି, ଯାହ ଅତି ଆବଶ୍ୟକ । ଭାରତର ଅନେକ ରାଜ୍ୟରେ ଅନ୍‌ଲକ୍-୬ରେ ଚଳିତ ମାସରେ ବିଦ୍ୟାଳୟ ଖୋଲିବା ପାଇଁ ଚିନ୍ତା କରାଯାଉଛି । ଆନ୍ଧ୍ରପ୍ରଦେଶ ଓ ଆସାମରେ ୨ ନଭେମ୍ବରରୁ ସ୍କୁଲ ଖୋଲାଯାଇଛି । କେନ୍ଦ୍ର ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀ ଅନୁସାରେ ରାଜ୍ୟ ସରକାରଗୁଡ଼ିକ ସ୍ଥାନୀୟ ସ୍ଥିତିକୁ ଦେଖି ବିଦ୍ୟାଳୟ ଖୋଲିପାରିବେ । ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ପଠାଇବେ ନା ନାହିଁ, ତାହା ନିଷ୍ପତ୍ତି ନେବେ । ଅନ୍ୟପକ୍ଷରେ ରିସର୍ଚ ସ୍କଲାର ଏବଂ ପ୍ରାକ୍ଟିକାଲ୍ ପାଠ୍ୟକ୍ରମ ଥିବା ଛାତ୍ରଛାତ୍ରୀଙ୍କୁ ଅକ୍ଟୋବର ୧୫ ରୁ କଲେଜ ଆସିବାକୁ ଅନୁମତି ଦିଆଯାଇଛି; ତେବେ ସମସ୍ତ ପିଲାଙ୍କୁ ଶ୍ରେଣୀକକ୍ଷରେ ଶିକ୍ଷାଦାନ କରିବା କଲେଜଗୁଡ଼ିକ ପାଇଁ ମଧ୍ୟ ବର୍ତ୍ତମାନ ସ୍ଥିତିରେ ଏକ ବଡ଼ ଆହ୍ୱାନ । ଏଥିପ୍ରତି ସତର୍କ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଆମ ଦେଶରେ କରୋନା ସଂକ୍ରମଣ ଶୀର୍ଷକୁ ଛୁଇଁସାରିଥିବା କୁହାଯାଉଛି; କିନ୍ତୁ ଏହାର ଦ୍ୱିତୀୟ ଲହଡ଼ି ବିଦେଶରେ ଯେଉଁଭଳି ଭୟଙ୍କର ରୂପ ନେଇ ଆସିଛି, ସେଥିରୁ ଆମେ ଶିକ୍ଷା ନେଇ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ । ବିଶେଷତଃ, ଆଗକୁ ଶୀତଦିନ ଆସୁଥିବାରୁ ଏହାର ପ୍ରକୋପ ବଢ଼ିବ ବୋଲି ଆଶଙ୍କା ରହିଛି । ତେଣୁ ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଆପଣାଇବା ଭଳି ଶାରୀରିକ ଦୂରତା ରକ୍ଷା, ମାସ୍କ ପିନ୍ଧିବା, ହାତ ଧୋଇବା ଭଳି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ବିଧେୟ । ୟୁରୋପ ଓ ଅନ୍ୟ କେତେକ ପାଶ୍ଚାତ୍ୟ ଦେଶରେ ସଂକ୍ରମଣ ବୃଦ୍ଧି ପାଇବାରୁ ଏବେ ପୁଣିଥରେ ଲକ୍‌ଡାଉନ୍, ସଟ୍‌ଡାଉନ୍ ଆଦି ଘୋଷଣା କରାଯାଉଛି, ଅର୍ଥାତ୍ ପୂର୍ବରୁ ଖୋଲାଯାଇଥିବା ସ୍କୁଲଗୁଡ଼ିକୁ ପୁଣିଥରେ ବନ୍ଦ କରିବାକୁ ପଡୁଛି । ଆମ ଏଇଠି ସେଭଳି ସ୍ଥିତି ନ ଉପୁଜୁ । ପିଲାଙ୍କ ପ୍ରତି କରୋନା ସଂକ୍ରମଣର ବିପଦ କମ୍ ଥିବା କୁହାଯାଉଛି; କିନ୍ତୁ ଏହା ଭାବି ସଂପୂର୍ଣ୍ଣ ବେପରୁଆ ହୋଇଗଲେ ସ୍ଥିତି ଅଧିକ ସଂଗିନ ହେବା ନିଶ୍ଚିତ । ଇଉରୋପରୁ ଆମେ ସେହି ଶିକ୍ଷା ପାଇସାରିଛୁ । ଅଗଷ୍ଟ ମାସରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୭ଟି ଇଉରୋପୀୟ ଦେଶରେ ମୋଟ ସଂକ୍ରମଣର ପ୍ରାୟ ୫ ଶତାଂଶ ପିଲାଙ୍କଠାରେ ଦେଖାଦେଇଥିଲା । ଏଥିରୁ ଜଣାପଡୁଛି ଯେ ଏହି ସଂକ୍ରାମକ ରୋଗରୁ ସେମାନେ ମଧ୍ୟ ସଂପୂର୍ଣ୍ଣ ମୁକ୍ତ ନୁହନ୍ତି । ବ୍ରିଟେନରେ ପାଠରେ ଦୁର୍ବଳ ଥିବା ପିଲାଙ୍କୁ ହିଁ ସ୍କୁଲ୍‌କୁ ଆସିବାକୁ କୁହାଯାଇଛି । ଏହା ଆଦୌ ବାଧ୍ୟତାମୂଳକ ନୁହେଁ । ସେହିପରି ଫ୍ରାନ୍ସରେ କୁନିପିଲାଙ୍କ ସହ ଶିକ୍ଷକଙ୍କୁ ମଧ୍ୟ ମାସ୍କ ପିନ୍ଧିବାକୁ କୁହାଯାଇଛି । ଏସବୁ ପ୍ରତିଷେଧମୂଳକ ବ୍ୟବସ୍ଥା ନିହାତି ଜରୁରୀ; କାରଣ ସ୍କୁଲରୁ ପିଲା ଯଦି ଘରକୁ ସଂକ୍ରମଣ ନେଇ ଆସିବେ, ତେବେ ତାହା ସଂଗିନ ପରିସ୍ଥିତି ସୃଷ୍ଟି କରିବ । ତେଣୁ ବହୁତ ଭାବିଚିନ୍ତି ସ୍କୁଲ୍‌ରେ ପାଠ ପଢ଼ାଇବା କଥା ଚିନ୍ତା କରିବାକୁ ହେବ । ଏହା ସତ ଯେ ଶିକ୍ଷକମାନଙ୍କର ଶତଚେଷ୍ଟା ସତ୍ତ୍ୱେ ଅନ୍‌ଲାଇନ୍ ଶିକ୍ଷା ପିଲାଙ୍କ ପାଇଁ ସେତେଟା ପ୍ରଭାବଶାଳୀ ହୋଇପାରୁନାହିଁ । ପ୍ରତିବର୍ଷ ପରି ପ୍ରଥମ୍ ସଂସ୍ଥା ପକ୍ଷରୁ ନିକଟରେ ପ୍ରକାଶିତ ଅସର୍ (ଆନୁଆଲ୍ ଷ୍ଟାଟସ୍ ଅଫ୍ ଏଜୁକେସନ୍ ରିପୋର୍ଟ) ବିବରଣୀରୁ ଏହା ପ୍ରମାଣିତ ହୋଇଯାଇଛି । ଅନ୍ୟବର୍ଷ ଗ୍ରାମାଞ୍ଚଳ ବିଦ୍ୟାଳୟଗୁଡ଼ିକରେ ପିଲାଙ୍କ ଶିକ୍ଷା କିପରି ଚାଲିଛି, ସାରା ଭାରତରୁ ତଥ୍ୟ ନେଇ ଏହି ରିପୋର୍ଟ ପ୍ରକାଶ ପାଉଥିଲା । ଚଳିତବର୍ଷ ମହାମାରୀ ସମୟରେ ପିଲା କିଭଳି ଶିକ୍ଷାଗ୍ରହଣ କରିଛନ୍ତି, ତା'ରି ଉପରେ ମଧ୍ୟ ସର୍ବେକ୍ଷଣ ହୋଇଛି । ୮,୯୬୩ଟି ବିଦ୍ୟାଳୟର ୫ରୁ ୧୬ ବର୍ଷର ୫୯,୨୫୧ ଜଣ ପିଲାଙ୍କୁ ନେଇ ଏହି ସର୍ବେକ୍ଷଣ ହୋଇଥିଲା । ଏଥିରୁ କେତେକ ଚିନ୍ତାଜନକ କଥା ସାମ୍ନାକୁ ଆସିଛି । 'ଅସର୍' ରିପୋର୍ଟ ଅନୁଯାୟୀ, ସର୍ବେକ୍ଷଣରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୧୧ ଶତାଂଶ ହିଁ ଲାଇଭ୍ ଅନ୍‌ଲାଇନ୍ କ୍ଲାସ୍‌ରେ ପାଠ ପଢୁଥିଲେ । ବିଦ୍ୟାଳୟଗୁଡ଼ିକ ପକ୍ଷରୁ ୮୦ ଶତାଂଶ ପିଲାଙ୍କୁ ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଥିବାବେଳେ ୨୪.୩ ଶତାଂଶ ପିଲା ପାଠପଢ଼ାରୁ ସଂପୂର୍ଣ୍ଣ ବଞ୍ଚିତ ହୋଇଥିଲେ । ସେମାନଙ୍କ ପାଖରେ ସ୍ମାର୍ଟଫୋନ୍ ନଥିବା ଏହାର ମୁଖ୍ୟ କାରଣ ବୋଲି ସେମାନେ ଦର୍ଶାଇଥିଲେ । ପ୍ରାୟ ୨୫ ଶତାଂଶ ପିଲା ଶିକ୍ଷାଗ୍ରହଣରୁ ସଂପୂର୍ଣ୍ଣ ବଞ୍ଚିତ ରହିବା ଉଦ୍‌ବେଗଜନକ ନିଶ୍ଚୟ । ପ୍ରାୟ ବର୍ଷକର ପାଠ ସେମାନେ ପଢ଼ିପାରିନାହାନ୍ତି । ଏପରି ସ୍ଥିତିରେ ପିଲାଏ ଯେଉଁ କ୍ଷତି ସହିଛନ୍ତି, ତା'ର ଭରଣା କରିବା ଦାୟିତ୍ୱ ସଂପୃକ୍ତ ବିଦ୍ୟାଳୟ ଓ ଶିକ୍ଷକଙ୍କର । ଅନ୍ତତଃ ପାଠରେ ଦୁର୍ବଳ ଥିବା ପିଲାଙ୍କୁ ଅଧିକ ଧ୍ୟାନ ଦେବା ସହ ସେମାନଙ୍କର ସ୍ୱତନ୍ତ୍ର କ୍ଲାସ୍ ନେବାର ବ୍ୟବସ୍ଥା କରାଯିବା ଉଚିତ; ନଚେତ୍ ସେମାନେ ସୁବିଧାସୁଯୋଗ ହାସଲ କରିଥିବା ଅନ୍ୟ ପିଲାଙ୍କ ତୁଳନାରେ ବହୁ ପଛରେ ପଡ଼ିଯିବା ନିଶ୍ଚିତ । ଦାରିଦ୍ର୍ୟ ପରି ଏବେ ମହାମାରୀ ଦ୍ୱାରା ସୃଷ୍ଟ ଶିକ୍ଷା-ବିଭେଦକୁ ଦୂର କରିବା ଜରୁରୀ । ଓଡ଼ିଶା ସରକାର ଦୁର୍ବଳ ପିଲାଙ୍କ ଉନ୍ନୟନ ପାଇଁ ପ୍ରାଥମିକ ସ୍ତରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମସବୁ ପ୍ରଚଳନ କରିଛନ୍ତି । ସେଗୁଡ଼ିକର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଆବଶ୍ୟକ ।

ହେମନ୍ତ ଆସିଲା...

ନିରଞ୍ଜନ ସାହୁ

ଗଲାରେ ଗଲା ଗ୍ରୀଷମ ଗଲା
ବରଷା ପୁଣି ଗଲା
ସୁଷମା ରାଣୀ ଶରତ ଗଲା
ହେମନ୍ତ ଆସିଗଲା ।
କାର୍ତ୍ତିକ ଆଉ ମାରଗଶିର ନେଇ
ହେମନ୍ତ ଋତୁ
କନକନିଆ ଶୀତର ଛୁଆଁ
ଲାଗଇ କୁତୁକୁତୁ ।
ଖରାର ତେଜ କମିଆସଇ
ଦିନ ହୁଅଇ ଛୋଟ
ଖୋଜା ପଡ଼ିବ ଚାଦର, ଶାଲ,
ସ୍ୱେଟର, ଟୋପି, କୋଟ ।
ରାତିରେ ଝରେ କାକର
ଟୋପା ଟପରଟପ ହୋଇ
ନିଦ ମାଉସୀ ସଅଳ ଆସି
ଆମକୁ ଦିଏ ଶୋଇ ।
ଘାସ ପତରେ କାକର
ଟୋପା ଦିଶେ ମୁକୁତା ପରି
ଚାଷୀ ମନରେ ଉଛୁଳା ହସ
ଫସଲ ଦେଖି କରି ।
ଦିବାଳି, ଡଙ୍ଗାଭସା, ପଞ୍ଚକ,
ପ୍ରଥମାଷ୍ଟମୀ ପର୍ବ
ମାଣ ବସାଇ ଚାଷୀ ଘରଣୀ
କରିବ ମନେ ଗର୍ବ ।
ଭଳିକିଭଳି ଗେଣ୍ଡୁ ଫୁଟିବ
ଚାଲିବ ନିଆଁ ପୁହାଁ
ଦାଣ୍ଡ ଖରାରେ ଗାଈ
ବାନ୍ଧିକି ଚାଲିବ ଗାଈ ଦୁହାଁ ।
କଦାପି ଦୋଷ ଧରିବ
ନାହିଁ ଯାହା ମୁଁ ଗଲି କହି ।

+ ଶିକ୍ଷକ, ନିତ୍ୟାନନ୍ଦପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନିହାଲପ୍ରସାଦ, ଢେଙ୍କାନାଳ
ଦୂରଭାଷ: ୯୯୩୮୭୪୧୫୮୩

ଜଣେ ଅନନ୍ୟ ଗୁରୁଙ୍କ ସ୍ମରଣେ ...

ରବିକାନ୍ତ ମହାପାତ୍ର

ଯିଏ ଅନ୍ୟ କାହାର ବିଶେଷ ସଫଳତା ବା ଆଦର୍ଶର ଉଦାହରଣ କଥା ଶୁଣିଲେ ବିଶେଷତଃ ନିଜର ହାତଗଢ଼ା ଛାତ୍ର-ଛାତ୍ରୀ ମାନଙ୍କର ଏକ ଅଫୁରନ୍ତ ଆନନ୍ଦରେ ତଲ୍ଲୀନ ହୋଇ ଯାଉଥିଲେ ଓ ଅଜଣା ଭାବପ୍ରବଣତାରେ ହଜିଯାଉଥିଲେ ସେ ଥିଲେ ମୟୂରଭଞ୍ଜ ଜିଲ୍ଲାସ୍ଥ କୁଶଳଦା ହାଇସ୍କୁଲର ପୂର୍ବତନ ଯଶସ୍ୱୀ ଓ ଛାତ୍ରବତ୍ସଳ ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ପାଢ଼ୀ । ଅବିଭକ୍ତ କୋରାପୁଟ ଜିଲ୍ଲା ର ଜୟପୁର ସହରଠାରୁ ଅନତି ଦୂର 'ପୂଜାରୀ ପୁଟ' ଗ୍ରାମରେ ୧୯୨୬ ମସିହା ସେପ୍ଟେମ୍ବର ମାସ ୧୪ ତାରିଖରେ ପିତା କୃଷ୍ଣଚନ୍ଦ୍ର ପାଢ଼ୀ ଓ ମାତା ଅନ୍ନପୂର୍ଣ୍ଣା ପାଢ଼ୀଙ୍କର ଜ୍ୟେଷ୍ଠ ପୁତ୍ର ଭାବରେ କୋଳ ମଣ୍ଡନ କରନ୍ତି ସେ । ତାଙ୍କର ପିତା ଥିଲେ ବୃତ୍ତିରେ ଜଣେ ମନ୍ଦିର ପୂଜକ ଓ ମାତା ଜଣେ ଧର୍ମ ପରାୟଣା ମହିଳା । ସେ ପିତା ମାତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କୃତିତ୍ୱର ସହ ଜୟପୁର ଟାଉନ୍ ହାଇସ୍କୁଲରୁ କୃତକାର୍ଯ୍ୟ ହେବା ପରେ ଗ୍ରାମର ଉଦାରବାଦୀ ଜମିଦାରଙ୍କ ଦ୍ୱାରା ପ୍ରଦତ୍ତ ବୃତ୍ତି ଟଙ୍କାରେ ପାରଳାଖେମୁଣ୍ଡିର ମହାରାଜ କଲେଜରୁ ସଫଳତାର ସହ ସ୍ନାତକ ଡ଼ିଗ୍ରୀ ଲାଭ କରି ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ପାଇଁ ରେଭେନ୍ସା କଲେଜରେ ପ୍ରବେଶ କରନ୍ତି । ହେଲେ ବିଧିର ବିଡ଼ମ୍ବନା, ଛାତ୍ରବାସରେ ଅବସ୍ଥାନ କରି ବିଭିନ୍ନ ପୁସ୍ତକ ପଠନରେ ସମୟ ବ୍ୟୟିତ କରିଥିଲେ ମଧ୍ୟ ଇଚ୍ଛାକୃତ ଭାବରେ ଶ୍ରେଣୀରେ ଯୋଗ ନଦେବା ହେତୁ ଆବଶ୍ୟକୀୟ ଉପସ୍ଥାପନ ଅଭାବରୁ ସେ ବାର୍ଷିକ ପରୀକ୍ଷା ଦେବାରୁ ବଞ୍ଚିତ ହୁଅନ୍ତି । ଶେଷରେ ୧୯୪୭ ମସିହାରେ ସେ ଯୋଗ ଦିଅନ୍ତି ଜୟପୁର ହାଇସ୍କୁଲର ସହକାରୀ ଶିକ୍ଷକ ଭାବରେ ଓ ଏହାର ଠିକ୍ ଗୋଟିଏ ବର୍ଷ ପରେ ୧୯୪୮ ମସିହାରେ କୋରାପୁଟ ଜିଲ୍ଲା ସେବାଶ୍ରମ ସେବକ ତାଲିମ କେନ୍ଦ୍ରର ପ୍ରଧାନ ଶିକ୍ଷକ ପଦବୀରେ ଅବସ୍ଥାପିତ ହୋଇ କାର୍ଯ୍ୟ କରୁଥିବା ବେଳେ ସମାଜରେ ଚିର ଅବହେଳିତ, ନିସ୍ପେଷିତ ଓ ନିର୍ଯ୍ୟାତିତ ଆଦିବାସୀ ଗୁରୁ ଛାତ୍ର-ଛାତ୍ରୀ ମାନଙ୍କର ଜୀବନଚର୍ଯ୍ୟା ସମ୍ପର୍କରେ ପାଖରୁ ଜାଣିବାର ସୁଯୋଗ ପାଆନ୍ତି । ମାତ୍ର ତାଙ୍କ ଭଳି ଜଣେ ଅତ୍ୟନ୍ତ ସରଳ, ସଚ୍ଚୋଟ ଓ ଆଦର୍ଶବାଦୀ ବ୍ୟକ୍ତି ପକ୍ଷରେ ବିଭାଗର ଉପରିସ୍ଥ ଅଫିସର ମାନଙ୍କର ନାଲି ଆଖିକୁ ସହ୍ୟ କରିବା ତାଙ୍କ ପକ୍ଷରେ ଅସମ୍ଭବ ହୁଏ । ଏଥିପାଇଁ ସେ ଶେଷରେ ସେହି ପଦବୀରୁ ପଦତ୍ୟାଗ କରି ଆଇନ ପଢ଼ିବାକୁ ନିସ୍ପତ୍ତି ନିଅନ୍ତି । ମାତ୍ର କିଛି ଦିନ ପରେ ସେଥିରେ ମଧ୍ୟ ମନ ନ ଲାଗିବାରୁ ପରିବାର ପ୍ରତିପୋଷଣ ପାଇଁ ସେ ଅଳ୍ପ ଦିନ ସକାଶେ ଯୋଗାଣ ବିଭାଗର କିରାଣୀ ଭାବରେ କାର୍ଯ୍ୟ କରନ୍ତି । ହେଲେ ଶିକ୍ଷକତା ଭଳି ଏକ ପବିତ୍ର କାର୍ଯ୍ୟ ନିର୍ବାହ ପାଇଁ ଈଶ୍ୱର ଯାହାଙ୍କର ଜନ୍ମ ଜାତକରେ ଲେଖି ଥିଲେ ସେ ବା କେମିତି କିରାଣୀ ଚାକିରୀର ପେଞ୍ଚ ମଧ୍ୟରେ ଅଟକି ଥାଆନ୍ତେ । ସେ ପୁଣି ଥରେ ସ୍ୱପ୍ନ ଦେଖନ୍ତି ଶିକ୍ଷକ ହୋଇ ଶିକ୍ଷାଦାନ ଭଳି ମହତ କାର୍ଯ୍ୟକୁ ଫେରିଆସିବା ପାଇଁ । ତାଙ୍କର ସ୍ୱପ୍ନ ଶେଷରେ ସତ୍ୟର ରୂପ ନେଲା ଓ ସେ ୧୯୫୨ ମସିହା ଜୁଲାଇ ୧୮ ତାରିଖ ଦିନ ଅବିଭକ୍ତ କଟକ ଜିଲ୍ଲାର 'କରିଲୋପାଟଣା' ବେସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀରେ ଯୋଗଦାନ କରିଥିଲେ । ସେଠାରେ ଶିକ୍ଷକତା କରୁଥିବା ସମୟରେ ସେ ୧୯୫୮ ମସିହାରେ ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟ କଟକରୁ ବି.ଇ.ଡ଼ି. ତାଲିମ ଲାଭ କରି ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲ୍ଲାର ନେମାଳସ୍ଥିତ 'ଅଚ୍ୟୁତାନନ୍ଦ ଉଚ୍ଚ ବିଦ୍ୟାଳୟନ୍ତର ପ୍ରଧାନ ଶିକ୍ଷକ ଭାବରେ ଯୋଗଦାନ କରନ୍ତି । ନେମାଳରେ ଅବସ୍ଥାନ କାଳରେ ନିଜ ବିଦ୍ୟାଳୟକୁ ସତ୍ୟବାଦୀ ଓ ଶାନ୍ତିନିକେତନ ଭଳି ଏକ ଆଦର୍ଶ ବିଦ୍ୟାଳୟର ରୂପ ଦେବାକୁ ସ୍ୱପ୍ନ ଦେଖିଥିବା ବେଳେ ସେହିଭଳି ଢ଼ାଞ୍ଚାରେ ଗଢ଼ାହୋଇଥିବା ଏକ ବିଦ୍ୟାଳୟର ସନ୍ଧାନ ଦେଇଥିଲେ ତାଙ୍କର ଅଗ୍ରଜସମ ତତ୍କାଳୀନ ସାଲେପୁର ହାଇସ୍କୁଲର ଯଶସ୍ୱୀ ପ୍ରଧାନ ଶିକ୍ଷକ ଜଗନ୍ନାଥ ମିଶ୍ର । ସେହି ତାଙ୍କର ଇପ୍‌ସିତ ବିଦ୍ୟାଳୟଟି ଥିଲା ମୟୂରଭ ଜିଲ୍ଲାର କୁଶଳଦା ଉଚ୍ଚ ବିଦ୍ୟାଳୟ ଯେଉଁଠି ଦିନେ ଜଗନ୍ନାଥ ମିଶ୍ର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି କେତେ କେତେ ଅଭୁଲା ଯଶ ଓ ସମ୍ମାନ ସାଉଁଟିଥିଲେ । ପୂଜ୍ୟ ଗୁରୁଜୀ ସୂର୍ଯ୍ୟନାରାୟଣ ପାଢ଼ୀ ତାଙ୍କର ବକ୍ତବ୍ୟରେ ସେ ଅନେକଥର କହୁଥିବାର ମୁଁ



ଶୁଣିଛି ଯେ କୁଶଳଦା ହାଇସ୍କୁଲ ଭଳି ଏକ ଆଦର୍ଶ ବିଦ୍ୟାଳୟ ସମ୍ପର୍କରେ ଶୁଣିବା ପରେ ସେ ରାତିରେ ଆଉ ଶୋଇପାରିଲେ ନାହିଁ କି ସ୍ଥିର ହୋଇ ବସିପାରିଲେ ନାହିଁ । କେବଳ କୁଶଳଦାରେ କେମିତି ପହଞ୍ଚିବେ ସେହି ଗୋଟିଏ ଚିନ୍ତା । ଶେଷରେ ତାଙ୍କ ଉତ୍କଣ୍ଠାର ଅବସାନ ଘଟିଲା ଓ ସେ ୧୯୬୧ ମସିହା ନଭେମ୍ବର ମାସ ୨୭ ତାରିଖ ଦିନ କୁଶଳଦା ହାଇସ୍କୁଲରେ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ପଦବୀ ମଣ୍ଡନ କରିଥିଲେ । ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ମହାନ ଶିକ୍ଷାବିତ ପଲ୍ଲୀପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରା 'ବାବୁ' ଖୋଜୁଥିବା ତାଙ୍କର ସେହି ମନର ମଣିଷଟିକୁ ସତେ ଯେମିତି ଖୋଜିପାଇଥିଲେ । ବେଶ ପୋଷାକରେ ଉଭୟେ ଥିଲେ ଅତ୍ୟନ୍ତ ସରଳ ଓ ନିରାଡ଼ମ୍ବର, ଉଭୟେ ଥିଲେ ଉଚ୍ଚମନା ଓ ବିଶ୍ୱଭାତୃତ୍ୱରେ ପରମ ବିଶ୍ୱାସୀ । ସତେ ଯେମିତି ସେମାନଙ୍କ ମିଳନରେ ମଣିକାଞ୍ଚନର ସଂଯୋଗ ଘଟିଥିଲା । ଆଉ ସେଇ ସଂଯୋଗର ପ୍ରଭାବ ଥିଲା ସୁଦୂର ପ୍ରସାରୀ ଓ ବିଦ୍ୟାଳୟର ଅଗଣିତ କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷଫଳପ୍ରସୂ ।

ବାସ୍ତବରେ ସେ ଥିଲେ ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା 'ବାବୁ'ଙ୍କ ଆଦର୍ଶର ଉପଯୁକ୍ତ ଅଧିକାରୀ । ତାଙ୍କର ଅଧୁରା କାର୍ଯ୍ୟ ଓ ତତ୍ତ୍ୱକୁ ସେ ହିଁ ସାଇତି ସମ୍ଭାଳି ପରିପୁଷ୍ଟ କରିପାରିଥିଲେ ବିଦ୍ୟାଳୟରେ ନିଜର ଦୀର୍ଘ ରହଣି ଅବଧି ମଧ୍ୟରେ । ସେ ଥିଲେ ଏଭଳି ଜଣେ ନିଆରା ଶିକ୍ଷକ ଯିଏ କେବଳ ଛାତ୍ର-ଛାତ୍ରୀ ମାନଙ୍କୁ ଅନ୍ତର ଦେଇ ଭଲ ପାଉନଥିଲେ ବରଂ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ସଠିକ୍ ଭାବରେ ଚିହ୍ନଟ କରି ସଫଳତା ପାଇଁ ସେମାନଙ୍କୁ ଦୁର୍ନିବାର ପ୍ରେରଣାରେ ଉଦ୍‌ବେଳିତ କରିହେଉଥିଲେ । ଆଉ ଆଜିଦିନରେ ମନେପଡ଼ିଯାଉଛି ତାଙ୍କର ନିଆରା ଶିକ୍ଷାଦାନର ସୀମାହୀନ ପରିସର ଓ ପ୍ରେରଣାର ଅନୁପମ ଉତ୍ସମାନ, ଯେଉଁଠି ସେ ଠିଆ କରାଇ ଦେଉଥିଲେ ମର୍ଯ୍ୟାଦା ପୁରୁଷ ଶ୍ରୀ ରାମଚନ୍ଦ୍ରଙ୍କ ଠୁଁ ଆରମ୍ଭ କରି ଯୋଗୀ ଶ୍ରୀ ଅରବିନ୍ଦ ଯୁକ୍ତରାଷ୍ଟ୍ର ଆମେରିକାର ଶିକ୍ଷକରୁ ରାଷ୍ଟ୍ରପତି ବନିଥିବା ଲିଣ୍ଡନ ବି ଜନସୋନ, ବିଶ୍ୱବନ୍ଦିତ ଦୁଇଥର ନୋବେଲ ବିଜେତା ବୈଜ୍ଞାନିକ ଲାଇନାସ ପାଉଲିଙ୍ଗ୍, ଇଜିପ୍ଟର ରାଷ୍ଟ୍ରମୁଖ୍ୟ ଗାମାଲ ଅବ୍‌ଦେଲ୍ ନାଶେର୍, କାଳଜୟୀ ହାସ୍ୟ ଅଭିନେତା ଚାର୍ଲି ଚାପଲିନ, ସୁନାମଧନ୍ୟ କ୍ରିକେଟ ତାରକା ଗ୍ରେଗ୍‌ଚାପେଲ୍ ଓ ବ୍ରାଜିଲର କିମ୍ବଦନ୍ତୀ ଫୁଟବଲର ନାଶିମେଣ୍ଟୋ ପେଲେ ପର୍ଯ୍ୟନ୍ତ ସମସ୍ତ ଯୁଗପୁରୁଷ ମାନଙ୍କୁ । ଛନ୍ଦ କପଟ ଶୂନ୍ୟ ଏହି ନିଷ୍କଳଙ୍କ ମଣିଷଟିର ବ୍ୟକ୍ତିତ୍ୱ, ତାଙ୍କର ଉଚ୍ଚାଙ୍ଗ ଆଦର୍ଶ, ପ୍ରଚଣ୍ଡ ଜ୍ଞାନ-ଗାରିମା କୌଣସି ସୀମା-ସରହଦ ମଧ୍ୟରେ ସୀମିତ ନହୋଇ ଆଜି ତାଙ୍କର ଅବର୍ତ୍ତମାନରେ ସବୁ କିଛି ସର୍ବବ୍ୟାପୀ ହୋଇଉଠିଛି । ଆଜି ଆମ୍ଭମାନଙ୍କ ଗହଣରେ ବିଦ୍ୟାଳୟର ପ୍ରାଣ-ପ୍ରତିଷ୍ଠାତା 'ବାବୁ', ବିଦ୍ୟାଳୟର ସୁବର୍ଣ୍ଣ ଯୁଗର ଅନ୍ୟତମ ସ୍ଥପତି ତଥା ପ୍ରଥମ ପ୍ରଧାନ ଶିକ୍ଷକ (ପ୍ରାଧାପକ) ୬ ପ୍ରଭାକର ମହାପାତ୍ର, ଯଶସ୍ୱୀ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ ୬ ଜଗନ୍ନାଥ ମିଶ୍ର ଓ ବିଶିଷ୍ଟ ଗାନ୍ଧିବାଦୀ ପ୍ରଧାନ ଶିକ୍ଷକ ୬ ଗିରୀଶ ଚନ୍ଦ୍ର ପଟ୍ଟନାୟକଙ୍କର ଯୋଗ୍ୟତମ ଦାୟାଦ ଆମ୍ଭର ପରମ ପୂଜ୍ୟ ଗୁରୁ ସୂର୍ଯ୍ୟନାରାୟଣ ପାଢ଼ୀଙ୍କର ଦେହାବସାନ ଘଟିଛି । ମହାପୁରୁଷ ସକ୍ରେଟିସ୍, ଲିଓ ଟଲଷ୍ଟୟ, ମହାତ୍ମାଗାନ୍ଧୀ ଓ ଗୋପବନ୍ଧୁଙ୍କର ଆଦର୍ଶର ମଣିଷ ଜଣକ ଆମ ଠାରୁ ଚିରବିଦାୟ ନେଇଛନ୍ତି । ତାଙ୍କର ବିଶାଳ ଓ ଅତିପ୍ରିୟ ଛାତ୍ରସମାଜ ତଥା ଜନମାନସ ଆଜି ତାଙ୍କର ଶୂନ୍ୟତାରେ ସ୍ତବ୍ଧ ଓ କାତର । ତାଙ୍କର ଅମର ଆତ୍ମା ବୈକୁଣ୍ଠଗାମୀ ହେଉ ଓ ସେ ପରମ୍ଭାରେ ଲୀନ ହୋଇଯାଆନ୍ତୁ, ଏହା ହିଁ ତାଙ୍କର ପବିତ୍ର ଏକାଦଶାହରେ ବିଶ୍ୱନିଅନ୍ତାଙ୍କ

ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା

ଅକ୍ଷୟ କୁମାର ରାଉତ

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି । ସେ ବନ୍ୟା କି ମରୁଡି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉତ୍ଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି । ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ । ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ । ଏହି ଶବ୍ଦର ଅକ୍ଷରଗୁଡିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ । 'ଘ' ଅକ୍ଷରଟି North ବା ଉତ୍ତର ଦିଗ, 'ର' ଅକ୍ଷରଟି East ବା ପୂର୍ବ ଦିଗର ପ୍ରତୀକ, 'ଡ' ବର୍ଣ୍ଣଟି ପଶ୍ଚିମ ଦିଗ ବା ଡରଶ୍ଚସ୍ଥ ବୁଝାପଡେ । ସେହିପରି ଦକ୍ଷିଣ ଦିଗ ସ୍ଥାନରେ ଝ ବା South କୁ ବୁଝାଯାଏ । ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ । ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି । ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି । ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ । କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି । ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି । ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି । ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ । ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି । ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି । କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ । କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି । ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ । ସକାଳ ଚାକିରି ସଞ୍ଜକୁ ନାହିଁ । ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ । ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ । ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି । କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ । ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେଣ୍ଟାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ । କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ । ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ । ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ । ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ । ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା । ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା । ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା । ଗାନ୍ଧୀଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ । ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ । 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ । ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା । ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା । ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍ । ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ । ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଧ ରୂପେ ବ୍ୟବହାର କରିଥିଲେ । ଗାନ୍ଧୀଜୀ ଯେଉଁ ନିତୀ ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ । ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି । ତାହା ସର୍ବଦା ଜୀବଜଗତର ହିତ ପାଇଁ । ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ । ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍' । ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା । ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା । ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା' । ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ । ଏହି ଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ । ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର । ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' । ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା । ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ । ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ. - ୯୯୩୭୬୯୧୪୭୫

'ୱାର୍କ ଫ୍ରମ୍ ହୋମ୍' ବେଳେ ଭୁଲନ୍ତୁ ନାହିଁ

ଯଦି ସକାଳୁ ସକାଳୁ ନିଦ ଭାଙ୍ଗିବା ମାତ୍ରେ କପେ ଚା' ମିଳିଯାଆନ୍ତା, ଆଉ କିଛି ସମୟ ପରେ ଅଫିସ୍ ନ ଯାଇ ବେଡ୍‌ରେ ବସି ଅଫିସ୍‌ର ସମସ୍ତ କାମ କରିପାରନ୍ତେ । ଖୁବ୍ ଭଲ ହୁଅନ୍ତା ନା ! ଏଥିପାଇଁ ୨୦ ପ୍ରତିଶତ କମ୍ ଦରମା ମିଳିଲେ ବି ଯୁବପିଢ଼ିଙ୍କର ଚିନ୍ତା ନାହିଁ । ଏହାର କାରଣ ହେଲା, ଆମେ ଅଫିସ୍ ଯିବା ଆସିବାରେ ସପ୍ତାହକୁ ୧୦ ଘଣ୍ଟା ନଷ୍ଟ କରିଥାଉ । ତେବେ ଏପରି ସୁବିଧା ପାଇବା କ'ଣ ସମ୍ଭବ ? ଘରେ ବସି କାମ କରିବା ଦ୍ୱାରା କ'ଣ ଆପଣଙ୍କ କ୍ୟାରିଅରକୁ ଆଗେଇ ନେଇ ପାରିବେ ? ହଁ, ଆପଣ ଯଦି ନିମ୍ନ କେତୋଟି ଦିଗ ପ୍ରତି ବିଶେଷ ଧ୍ୟାନ ଦିଅନ୍ତି । ତେବେ ସବୁ କିଛି ସମ୍ଭବ ହୋଇ ପାରିବ ।

ବସ୍‌ଙ୍କ ସହ କଥା ହୁଅନ୍ତୁ:

ପ୍ରଥମେ ନିଜ କମ୍ପାନିର ପଲିସିରେ 'ୱାର୍କଫ୍ରମ ହୋମ୍' ସୁଯୋଗ ଅଛି କି ନା ଜାଣନ୍ତୁ । ଏହା ପରେ କମ୍ପାନିର ମ୍ୟାନେଜରଙ୍କ ସହ ଏ ବିଷୟରେ କଥା ହୁଅନ୍ତୁ । ବହୁ କମ୍ପାନିର ସୁପରଭାଇଜର୍ ଏହି ମଞ୍ଜୁରୀ ଦେବାକୁ ରାଜି ହୋଇ ନଥାନ୍ତି । ଆପଣ ତାଙ୍କୁ ନିଜ ଟାଇମ୍‌ଲାଇନ୍ ଓ ଟାରଗେଟ୍‌କୁ ନେଇ କେବେ ହେଲେ ଅବହେଳା କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦିଅନ୍ତୁ । ଏପରି କରିବା ଦ୍ୱାରା ହୁଏତ ଆପଣଙ୍କ ଉପରେ ତାଙ୍କର ଭରସା ବଢ଼ିପାରେ । ଅଫିସ୍ କାମ ମଝିରେ ଯଦି କୌଣସି ବ୍ୟକ୍ତିଗତ କାମ କରିବାକୁ ଥାଏ, ତେବେ ଏ ବିଷୟରେ ଆପଣ ବସ୍‌ଙ୍କୁ ଅବଗତ କରନ୍ତୁ ।

କାମ ପାଇଁ ଜାଗା ପ୍ରସ୍ତୁତ କରନ୍ତୁ:

ଶାନ୍ତିରେ ବସି କାମ କରିବା ପାଇଁ ଅଫିସ୍‌ର ସମସ୍ତ ସୁବିଧା ସୁଯୋଗ ଓ ଅଫିସିଆଲ୍ ମାହୋଲ ସୃଷ୍ଟି କରନ୍ତୁ । ଏପରି ବାତାବରଣରେ ସୃଷ୍ଟି କରିପାରିଲେ କାମ କରିବା ଆପଣଙ୍କ ପାଇଁ ସହଜ ହୋଇଥାଏ ।

ଅଶାନ୍ତିକର ପରିବେଶରୁ ନିଜକୁ ରକ୍ଷା କରନ୍ତୁ:

'ୱାର୍କ ଫ୍ରମ୍ ହୋମ୍' କରିବା ବେଳେ ଘରର କୌଣସି ସଦସ୍ୟ ବା ପିଲାମାନେ ଯେପରି ହଇରାଣ ନ କରନ୍ତି ତା' ପ୍ରତି ଧ୍ୟାନ ଦିଅନ୍ତୁ । କାମ ଉପରେ ଦୃଷ୍ଟି ନିକ୍ଷେପ କରିବା ପାଇଁ ଫେସ୍‌ବୁକ୍, ଫୋନ୍ ଓ ଟିଭି ଆଦିକୁ ବନ୍ଦ କରିଦେବା ହିଁ ଠିକ୍ ହେବ । କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଅଫିସ୍ ଲାପ୍‌ଟପ୍ ବା ସଫ୍ଟୱେର୍ ବ୍ୟବହାର କରନ୍ତୁ ।

କାମର ସମୟ ସ୍ଥିର କରନ୍ତୁ:

ନିୟମିତ କାମ କରିବା ପାଇଁ ଏକ ରୁଟିନ୍ ତିଆରି କରନ୍ତୁ । କିଛି ଲୋକ ଘରେ ଅଫିସ୍ କାମ କରିବାକୁ ଯାଇ ନିଜ କାମ ସାରିବାରେ ବ୍ୟସ୍ତ ରୁହନ୍ତି । ଯଦି ଆପଣ କୌଣସି କଷ୍ଟସାଧ୍ୟ କାମ କରୁଥାନ୍ତି, ତେବେ ନିଜକୁ ମଲ୍ଟି ଟାସ୍କିଙ୍ଗ୍ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ଯଦି କୌଣସି ରିପୋର୍ଟ ପ୍ରସ୍ତୁତ କରୁଥାନ୍ତି, ତେବେ ମଲ୍ଟି ଟାସ୍କିଙ୍ଗ୍ ହେଲେ ହୁଏତ ସୃଜନାତ୍ମକ ଲେଖାରେ ବ୍ୟାହତ ସୃଷ୍ଟି ହୋଇପାରେ ।

ମାଷ୍ଟର ଟେକ୍ନୋଲୋଜି:

ଘରେ ଅଫିସର କାମ ଶେଷ କରିବାକୁ ଚାହୁଁଥିଲେ, ପ୍ରଥମେ ପର୍ଯ୍ୟାପ୍ତ ଅଫିସ୍ ଉପକରଣ ପ୍ରସ୍ତୁତ କରନ୍ତୁ ।

ଘରେ ନେଟ୍:

ଘରେ ଇଣ୍ଟରନେଟ୍ କନେକ୍ସନ ନେବା ସହିତ ବ୍ୟାକ୍‌ଅଫ୍ ମନେ ପଡିବା ସହଜ ହୋଇଥାଏ । ମାତ୍ର ଘରେ ଏହା ଠିକ୍ ଭାବରେ ମନେ ପଡି ନଥାଏ । ତେଣୁ ପ୍ରଥମେ ଏକ ଚେକ୍‌ଲିଷ୍ଟ ପ୍ରସ୍ତୁତ କରନ୍ତୁ । ଫଳରେ କୌଣସି କାମ ଅବହେଳିତ ହେବ ନାହିଁ ।

କାମ କରିବା ଜାରି ରଖନ୍ତୁ:

କାମ ଆରମ୍ଭ କରିବା ପୂର୍ବରୁ ଠିକ୍ ଭାବରେ ପ୍ରସ୍ତୁତ ହୁଅନ୍ତୁ । ଅଫିସ୍ କାମ ଓ ସହକର୍ମୀଙ୍କ ସହ କଥାବାର୍ତ୍ତା ବି ଜାରି ରଖନ୍ତୁ ।

କ୍ଷୀର ସହ ଏସବୁ ଖାଆନ୍ତୁ ନାହିଁ



କ୍ଷୀର ସହ କୋଳଥଡାଲି, ଲେମ୍ବୁ, ପଣସ, ମୂଳା, କଲରା କିମ୍ବା ଲୁଣ ଖାଆନ୍ତୁ ନାହିଁ । କାରଣ ଏହାଦ୍ୱାରା ଚର୍ମ ରୋଗ, ଦାନ୍ତରୋଗ, କୁଣ୍ଡାଇ ହେବାପରି ସମସ୍ୟା ଦେଖାଯାଏ ।

କ୍ଷୀର ସହିତ ମୁଗ, ହରଡ଼, ଚଣା ଆଦି ସମସ୍ତ ପ୍ରକାର ଡାଲି ଖାଆନ୍ତୁ ନାହିଁ । କାରଣ ଏହାଦ୍ୱାରା ହୃଦ୍‌ରୋଗ ଆଶଙ୍କା ବଢ଼େ । ଗାଜର, କନ୍ଦମୂଳ, ତେଲ, ଗୁଡ଼, ମହୁ, ଦହି, ନଡ଼ିଆ, ରସୁଣ, ସାରୁ ଓ ତେଲିଆ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଖଟା ଓ ଲୁଣିଆ ପଦର୍ଥ କ୍ଷୀର ସହ ଖାଆନ୍ତୁ ନରହିଁ । କାରଣ ଏହାଦ୍ୱାରା ବଦ୍‌ହଜମି ସମସ୍ୟା ଦେଖାଯାଏ । ଯେ କୌଣସି ଆମିଷ ପଦାର୍ଥ ଖାଇବା ପରେ କ୍ଷୀର ପିଅନ୍ତୁନାହିଁ ।

ଜାଣିବା କଥା

ଇଡିଲି ପିଠା ପାଇଁ ପିଠଉ ପ୍ରସ୍ତୁତ କରୁଥିବା ବେଳେ ସେଥିରେ କିଛି ସଜଭାତ ବାଟି ଦିଅନ୍ତୁ ପିଠା ନରମ ହେବ ।

ସିଝା ଅଣ୍ଡା କିଛି ସମୟ ଗରମ ପାଣିରେ ରଖିଦେଲେ ଶୀଘ୍ର ଛଡ଼ାଇ ହୋଇଯାଏ ।

ଅଣ୍ଡା ଯଦି ଫାଟି ଯାଇଥାଏ, ପାଣିରେ ୧ଚାମଚ ଭିନେଗାର ମିଶାଇ ଅଣ୍ଡା ସିଝାନ୍ତୁ । ଏହାର ତରଳ ଅଂଶ ବାହାରିବ ନାହିଁ ।

ରୁଟି ପାତ୍ରରେ କେତୋଟି ଅଦାକଟା ରଖିଲେ ରୁଟି ସତେଜ ଏବଂ ନରମ ରହିପାରେ ।

ପକୁଡ଼ି କୁଡ଼ମୁଡ଼ିଆ କରିବା ଲାଗି ବେସନରେ ଅଳ୍ପ କର୍ଣ୍ଣଫ୍ଲୋର ନଚେତ୍ ଚାଉଳ ଚୂନାର ମିଶାଇ ଦିଅନ୍ତୁ ।

କଲରାର ପିତା କମାଇବା ପାଇଁ ଏହାକୁ କାଟିବା ପରେ ଲୁଣରେ ଗୋଳାଇ ଅଧଘଣ୍ଟା ରଖିଦେବେ ।

ସବୁଜ ପତ୍ରର ପରିବା ପ୍ଲାଷ୍ଟିକ ପାତ୍ରରେ ରଖିଲେ ଶୀଘ୍ର ଖରାପ ହୋଇଯାଏ ।

ପିଆଜ କାଟିବା ପୂର୍ବରୁ ଏହାକୁ ଦୁଇଫାଳ କରି କିଛି ସମୟ ପାଣିରେ ରଖି ଦିଅନ୍ତୁ । ପରେ କାଟିଲେ ଆଖି ପୋଡ଼ିବ ନାହିଁ ।

ପିଲାକୁ ନୂଆ ଶିକ୍ଷାନୁଷ୍ଠାନ ପଠାଉଥିଲେ...

ବର୍ତ୍ତମାନ ଅଧିକାଂଶ ପିଲାଙ୍କ ପରୀକ୍ଷା ସରିଛି । ତେଣୁ ସେମାନଙ୍କୁ ନୂଆ ଶିକ୍ଷାନୁଷ୍ଠାନରେ ଯୋଗ ଦେବା ସମୟରେ କେଉଁ କଥା ପ୍ରତି ଦୃଷ୍ଟି ଦେଲେ ଲକ୍ଷ୍ୟ ସାଧନ କରିବା ସହଜ ହୋଇଥାଏ ସେ ସଂପର୍କରେ ବୁଝାଇବା ମା'ଙ୍କ ଦାୟିତ୍ୱ । ଯଦି ଆପଣ ବି ନିଜ ପିଲାକୁ ନୂଆ ଅନୁଷ୍ଠାନକୁ ପଠାଉଛନ୍ତି ତେବେ ଜାଣି ରଖନ୍ତୁ କେତୋଟି କଥା....

ନୂଆ ଅନୁଷ୍ଠାନରେ ଯୋଗଦେଲେ ଛାତ୍ରୀଛାତ୍ରଙ୍କ ଜୀବନରେ କିଛିଟା ପରିବର୍ତ୍ତନ ଆସିଥାଏ । ବିଶେଷ କରି ସ୍କୁଲରୁ କଲେଜ ଯାଉଥିଲେ ସ୍କୁଲରେ ଏକ ପରିବେଶ ଭିତରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅନୁଶାସନ ଭିତରେ ଶିକ୍ଷୟିତ୍ରୀ ରହୁଥିବା ବେଳେ କଲେଜରେ ଏଭଳି ଆକଟ ନଥାଏ । ତେଣୁ ଅନେକ କ୍ଲାସ ନ କରି କଲେଜର ବିସ୍ତୃତ ପରିସରରେ ବୁଲିବା, ସମୟ ନଷ୍ଟ କରିବ ସାଂଗସାଥୀ ମେଳରେ ଖଟି କରିବାରେ ସମୟ ବିତାନ୍ତି । ଏହାଦ୍ୱାରା ସେମାନେ ନିଜ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇଥାନ୍ତି । ତେଣୁ ଏଥିରୁ ଦୂରେଇ ରହିବାକୁ ପରାମର୍ଶ ଦିଅନ୍ତୁ ।

ନୂଆ ଶିକ୍ଷା ଅନୁଷ୍ଠାନରେ ନୂଆ ସହପାଠୀ ଏବଂ ନୂଆ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆଗରେ ଅନେକେ ସଂଦେହ ଦୂର ଲାଗି ପ୍ରଶ୍ନ ପଚାରିବାକୁ ସଂକୋଚ କରିଥାନ୍ତି । ଯାହାଦ୍ୱାରା ପାଠ ଅବୁଝା ରହିଯାଏ । ତେଣୁ ପ୍ରତ୍ୟେକ କ୍ଲାସରେ ଆଲୋଚନାଚକ୍ର (ଟିଚର- ଷ୍ଟୁଡେଣ୍ଟ ଇଣ୍ଟରଆକ୍ସନ) ରେ ଭାଗ ନେବାକୁ କହନ୍ତୁ ।

ଛାତ୍ରଛାତ୍ରୀ ନୂଆ ନୂଆ ଅନୁଷ୍ଠାନ ବିଶେଷ କରି କଲେଜ ଯିବା ସମୟରେ ବିଭିନ୍ନ ପ୍ରକାର ଦୁଷ୍ଟାମି କରିବା, କଲେଜରେ ଷ୍ଟ୍ରାଇକ୍, ଗଣ୍ଡଗୋଳ ଆଦିରେ ମନ ଦେଉଥିବା ଦେଖିବାକୁ ମିଳେ । ହେଲେ ଏହାର ରେଜଲ୍ଟ ଉତ୍ତମ ଭବିଷ୍ୟତ ଗଢ଼ିବା ଲାଗି କେତେ ଜରୁରୀ ସେମାନେ ଭୁଲିଯାଆନ୍ତି ଏବଂ ପରବର୍ତ୍ତୀ ସମୟରେ ଜୀବନରେ ଅକୃତକାର୍ଯ୍ୟ ହୋଇଥାନ୍ତି । ତେଣୁ ଏଥିରୁ ନିଜକୁ ନିବୃତ୍ତ ରଖି ପାଠପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବାକୁ ବୁଝାନ୍ତୁ ।

ବିବାହ ବଜାର

ଖବରକାଗଜରେ ବିବାହ ବିଜ୍ଞାପନ ବା ମାଟ୍ରିମୋନିଆଲ ଘଟସୂତ୍ର ବ୍ୟବସାୟ ଆଦି କିଛି ନୂଆ କଥା ନୁହେଁ । ତେବେ ବିବାହ ବଜାର ! ଚାଇନା ଅନ୍ତର୍ଗତ ସାଂଘାଇର 'ପିଉପଲସ ସ୍କ୍ୱେ

ଗୁଣୁପୁର ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ଶିଶୁ ଦିବସ ପାଳିତ

ଗୁଣୁପୁର,୧୫।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ସଦମହକୁମାର ବାଣୀଶ୍ରୀ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ପବିତ୍ର ଦୀପାବଳି ଏବଂ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମ ଦିନ ତଥା ଶିଶୁ ଦିବସ ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କରୋନା କଟକଣାକୁ ଦୃଷ୍ଟିରେ ରଖି ସାମାଜିକ ଦୁରତ୍ୱକୁ ଆଖି ଆଗରେ ରଖି ଏହି ଉତ୍ସବପାଳିତ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ଉପଜିଲ୍ଲାପାଳ ଜେ ସୋନାଲ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନେହେରୁ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୀତି ଏବଂ ଆଦର୍ଶରେ ଅନୁପ୍ରାଣିତ ହେଲେ ପ୍ରତ୍ୟେକ ଶିଶୁ ଦେଶର ଉତ୍ତମ ନାଗରିକ ସହ ଦେଶ ତଥା ରାଷ୍ଟ୍ରର ଉତ୍ତମ ନାଗରିକ ହୋଇପାରିବେ ବୋଲି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ । ଚଳିତ ବର୍ଷ କରୋନା କଟକଣା ଯୋଗୁଁ ବାଣ ନ ଫୁଟାଇ କେବଳ ଲାଇଟରେ ଦୀପାବଳି ପାଳନ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ଥିଲେ ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଚାର୍ଯ୍ୟ ପ୍ରଫୁଲ ଶତପଥି, ବି ଗଜପତି, ମନୋରନ ରଥ ପ୍ରମୁଖ ଯୋଗ ଦେଇ ଶିଶୁଦିବସ ଏବଂ ପବିତ୍ର ଦୀପାବଳିକୁ କରୋନା ଯୋଗୁଁ ଚଳିତ ବର୍ଷ ଲାଇଟ ଜଳାଇ ପାଳନ କରିବାକୁ ଅନୁରୋଧ କରିଥିଲେ ।

ବୀରଗୋବିନ୍ଦପୁର କାଳୀ ପୂଜା : ଭକ୍ତଶୂନ୍ୟ ହୋଇପଡିଛି ପୀଠ

ସାକ୍ଷିଗୋପାଳ,୧୫।୧୧ (ନି.ପ୍ର): ପୁରୀ ଜିଲ୍ଲା ସାକ୍ଷିଗୋପାଳ ବୀରଗୋବିନ୍ଦପୁରରେ ଆଜି ଅନୁଷ୍ଠିତ ହେଉଛି କାଳୀପୂଜା । କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କା ଓ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କ ନିମନ୍ତେ ଦର୍ଶନ ବନ୍ଦ ରଖାଯାଇଛି । ମନ୍ଦିର ଓ ଏହାର ଆଖପାଖ ଗ୍ରାମରେ ୧୪୪ ଧାରା ଜାରୀ ହୋଇଛି। ଆଜି ମଧ୍ୟରାତ୍ର ପର୍ଯ୍ୟନ୍ତ ଏହି କଟକଣା ବଳବତର ରହିବ । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ମନ୍ଦିର ଚାରିପାଖରେ, ବୀରଗୋବିନ୍ଦପୁର ଗ୍ରାମ ଓ ଗାଁ ଛକରେ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଛି । ଗତକାଲି ରାତିରେ ମୃଣ୍ମୟୀ ମୂର୍ତି ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ମାଙ୍କ ପୂଜା କାର୍ଯ୍ୟ ରୀତିନୀତି ମୁତାବକ ଆରମ୍ଭ ହୋଇଛି। ସେହିପରି ଆଜି ବିଳମ୍ବିତ ରାତିରେ ଅନୁଷ୍ଠିତ ହେବାକୁ ଥିବା ଭସାଣି ଉତ୍ସବ ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରକାଶ ଥାଉ କି, ବର୍ଷସାରା ଏଠାରେ ମା ଦକ୍ଷୀଣ କାଳୀଙ୍କ ମୂର୍ତି ପୂଜା ପାଉଛି । ମା ଦକ୍ଷିଣ କାଳୀ ପ୍ରତ୍ୟେକ୍ଷ । ଏବଂ ଭକ୍ତଙ୍କ ମନୋବାଞ୍ଛା ଅବଶ୍ୟ ପୂରଣ କରନ୍ତି ବୋଲି ବିଶ୍ୱାସ ରହିଛି । ପ୍ରତି ବର୍ଷ କାଳୀପୂଜାରେ ଏଠାରେ ଲକ୍ଷାଧିକ ସଂଖ୍ୟାରେ ଭିଡ଼ ଦେଖିବାକୁ ମିଳିଥାଏ । କିନ୍ତୁ, ଚଳିତ ବର୍ଷ ବିଭିନ୍ନ ସ୍ଥାନରେ ପୋଲିସ ଛାଉଣି ପରିଲକ୍ଷିତ ହୋଇଛି ।

କାଳୀକୃଷ୍ଣ ସଂଘ ତରଫରୁ କରୋନା ସଚେତନତା ବାଇକ୍ ଶୋଭାଯାତ୍ରା

ଜୟପୁର,୧୫।୧୧ (ନି.ପ୍ର): ଜୟପୁର ପାର୍କ ଲାଇନରେ ଥିବା କାଳୀ କୃଷ୍ଣ ସଂଘ ତରଫରୁ କରୋନା ସଚେତନତାକୁ ନେଇ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିବା ବେଳେ ସଚେତନତା ପ୍ଲା କାର୍ଡ ଧରି ପରିତ୍ୟକ୍ତ ବସ୍ତିକୁ ଲୋକଙ୍କୁ ସଚେତନ କରାଇଥିଲେ ସଂଘର କର୍ମକର୍ତା ମାନେ । ଏହି ଶୋଭାଯାତ୍ରାକୁ ଦେବେନ୍ଦ୍ର ଅଧିକାରି ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହା ସହ କରୋନା ପୀଡିତଙ୍କ ସାହାଯ୍ୟର୍ଥେ ୫୦ ହଜାର ଟଙ୍କା ଲେଖାଏଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଥିଲା । ଏହି ଅନୁଷ୍ଠାନ ଗତ ୩୬ ବର୍ଷ ଧରି ଆଧାତ୍ମିକତାର ଜାଗରଣ କରିବା ସହ ରକ୍ତ ଦାନ ଶିବିର, ବୃକ୍ଷ ରୋପଣ, ଅନାଥ ଶିଶୁ ତଥା ବୃଦ୍ଧାଶ୍ରମକୁ ସାହାଯ୍ୟ ସହଯୋଗରେ ସାମିଲ ହୋଇଆସୁଛି । କରୋନା ମହାମାରୀରେ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା କମିବାରେ ଲାଗିଛି, ତଥାପି ବିଶେଷଜ୍ଞ ମତରେ ଶୀତ ଋତୁରେ ଏହାର ପ୍ରକୋପ ବଢିବାରେ ବିଶେଷ ସମ୍ଭାବନା ରହିଛି । ଏନେଇ ସଂଘ ତରଫରୁ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା ।

ଦୀପାବଳୀ ଅବସରରେ ଦିବଂଗତ ସମାଜସେବୀ ମାନଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

କନ୍ଧମାଳ,୧୫।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ତରଫରୁ ଜାତି, ଧର୍ମ, ବର୍ଗ ନିର୍ବିଶେଷରେ ଏକ ସମୁହ ଶ୍ରଦ୍ଧାଞ୍ଜଳୀ ଓ ସ୍ମୃତିସଭା ଆୟୋଜିତ ହୋଇଯାଇଅଛି । କରୋନା ମହାମାରୀ ସମୟରେ ଏହାର ସଂକ୍ରମଣରେ ଓ ଅନ୍ୟାନ୍ୟ କାରଣରୁ ଇହଧାମ ତ୍ୟାଗ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ପବିତ୍ର ଆଲୋକର ପର୍ବ ଦୀପାବଳୀ ଅବସରରେ ସେମାନଙ୍କ ସମ୍ମାନାର୍ଥେ ଏହି ସ୍ମୃତିସଭାର ଆୟୋଜନ କରାଯାଇଥିଲା । ଉକ୍ତ ଶ୍ରଦ୍ଧାଞ୍ଜଳୀ ଉତ୍ସବରେ ବିଭିନ୍ନ କର୍ମକ୍ଷେତ୍ରରୁ ସମାଜସେବୀ ଯଥା ଜାତୀୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକ୍ରମ ପରିଚାଳକ ମନୋରଞ୍ଜନ ସାହୁ, ବରିଷ୍ଠ ଆଇନଜୀବି ବିଜୟକୃଷ୍ଣ ପଟ୍ଟନାୟକ, ଅରୁପ ଜେନା, ନିପିଡିତ ଅନୁଷ୍ଠାନର ପରିଚାଳକ ରାମଚନ୍ଦ୍ର ଦାସ, ପ୍ରଦାତା ଅନୁଷ୍ଠାନର ପରିଚାଳକ ପ୍ରଦୀପ କୁମାର ଦାସ, ବରିଷ୍ଠ ନାଗରିକ ମଂଚର ସର୍ବଶ୍ୱେର ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଯୋଗାଯୋଗ ଅଧିକାରି ଧର୍ମେନ୍ଦ୍ର ତାଣ୍ଡି, ସେଭ ଦି ଚିଲଡ୍ରେନ୍ ଅନୁଷ୍ଠାନର ଜିଲ୍ଲା ସଂଯୋଜକ ମନୋଜ ମିଶ୍ର ଉପସ୍ଥିତ ରହି ପୁଷ୍ପାଞ୍ଜଳି ପ୍ରଦାନ ସହିତ ଦୀପଦାନ କରି ଅମର ଆତ୍ମା ମାନଙ୍କର ସ୍ମୃତିଚାରଣ କରିଥିଲେ। କୋଭିଡ ସଂକ୍ରମଣର କଟକଣା ଏବଂ ଏହାର ସଂକ୍ରମଣର ଆଶଙ୍କା ଯୋଗୁଁ ଏହି ଦିବଙ୍ଗତ ମାନଙ୍କର ଦେହାନ୍ତରେ ତାଙ୍କ ପରିବାର ନିକଟରେ ପହଂଚିବା ସମ୍ଭବ ହୋଇ ପାରିନଥିବାରୁ ସାମୁହିକ ଭାବରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହିତ ସେମାନଙ୍କର ସ୍ମୃତି ଚାରଣ ପାଇଁ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମକୁ ସମସ୍ତ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯିବା ସହିତ ଏହିଭଳି କାର୍ଯ୍ୟକ୍ରମକୁ ଆଗାମୀ ଦିନମାନଙ୍କରେ ଜାରି ରଖିବା ନିମନ୍ତେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନର ପ୍ରଚ୍ଛଦପଟରେ ଥିବା ମହତଉଦ୍ଦେଶ୍ୟକୁ ଉପସ୍ଥାପନା କରିବାକୁଯାଇ ସ୍ୱାତୀର ସମ୍ପାଦକ ଇଂ. ହରିଶଙ୍କର ରାଉତ ସମାଜ ଉଦ୍ଦେଶ୍ୟରେ ତିନୋଟି ବାର୍ତା ତାଙ୍କର ବକ୍ତବ୍ୟରେ କରୋନା ସମୟର ଦୁଃଖକୁ ଭୁଲି ଆଗଧାଡିକୁ ଆସିବା, ଅତିବାହିତ ହୋଇଥିବା ପିଢୀଙ୍କର ଦାୟିତ୍ୱ, କର୍ତବ୍ୟକୁ ଅନୁସରଣ କରି ବର୍ତମାନ ଓ ଆଗାମୀଦିନର ଯୁବଗୋଷ୍ଠୀ ମାନଙ୍କର ଚିନ୍ତାଧାରାର ପରିବର୍ତନ ଓ ଆଲୋକର ପର୍ବ ଦୀପାବଳୀ ପାଳନ କରିବାର ଭିନ୍ନ ପ୍ରୟାସ କୁ ଗୁରୁତ୍ୱ ଦେବାକୁ କହିଥିଲେ । ଏଥିସହିତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି କରୋନା ଯୁଦ୍ଧରେ ହାରିଯାଇଥିବା ଜଣେ ଲୋକପ୍ରିୟ ସାମ୍ବାଦିକ ଶ୍ରୀ ତାରିଣୀ ପ୍ରସାଦ ପାଢୀଙ୍କୁ ମନେପକାଇ ତାଙ୍କର ସ୍ମୃତିଚାରଣ କରିବା ସହିତ ଅନ୍ୟାନ୍ୟ ବରିଷ୍ଠ ବ୍ୟକ୍ତି ମାନଙ୍କର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସ୍ୱାତୀର ଅଧକ୍ଷ ପ୍ରଶାନ୍ତ ଶତପଥି ଓ କୋଷାଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର ମୁଖ୍ୟ ଭୂମିକା ନେବା ସହ ବୈଦ୍ୟନାଥ ଖଟୁଆ ଓ ଶଙ୍କର ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଦୁଇ ଦିନରେ ମୟୂରଭଞ୍ଜରୁ ୧୧୩ ପଜିଟିଭ ଚିହ୍ନଟ ଓ ୨ ମହିଳା ମୃତ

ବାରିପଦା,୧୫।୧୧ (ନି.ପ୍ର): ନଭେମ୍ବର ୧୪ ମୟୂରଭଞ୍ଜ ଜିଲ୍ଲାରୁ ୮୮ ନୂଆ ପଜିଟିଭ ଚିହ୍ନଟ ହେବା ସହ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବା ସମୟରେ ଆଜି ୨୫ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି ଏବଂ ଦୁଇ ଦିନରେ ଜିଲ୍ଲାରୁ ମୋଟ ୧୧୩ ପଜିଟିଭ କେଶ ସମ୍ମୁଖକୁ ଆସିଛି । ଫଳରେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇ ୧୨, ୪୫୬ରେ ପହଁଚିଛି । କରୋନା ସଂକ୍ରମିତମାନଙ୍କ ମଧ୍ୟରୁ କ୍ରିଟିକାଲ କେଶକୁ କୋଭିଡ଼ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଥିବା ବେଳେ ସ୍ୱଳ୍ପ ଓ ଲକ୍ଷଣ ନ ଥିବା ବ୍ୟକ୍ତିମାନଙ୍କୁ ହୋମ ଆଇସୋଲେସନରେ ରଖାଯାଇ ଚିକିତ୍ସା ଯୋଗାଇ ଦିଆଯାଉଛି । ସେହିପରି ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଆରୋଗ୍ୟ ସଂଖ୍ୟା ୧୧, ୬୭୨ରେ ପହଁଚିଛି ଥିବା ସମୟରେ ନଭେମ୍ବର ୧୫ ସୁଦ୍ଧା ୭୦୬ ଜଣ ସକ୍ରିୟ ଥାଇ କୋଭିଡ଼ ହସପିଟାଲ ଓ ହୋମ ଆଇସୋଲେସନରେ ଚିକିତ୍ସା ହେଉଛନ୍ତି । ଏହି ସମୟରେ ଗତ କାଲି ଜିଲ୍ଲାରୁ ୫୦ ଓ ୬୫ ବର୍ଷିୟା ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି । ଫଳରେ ମୃତ୍ୟୁ ସଂଖ୍ୟା ୭୮ରେ ପହଁଚିଥିବାର ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

କବି ଅମିତାଭ ମିଶ୍ରଙ୍କ ପୁସ୍ତକ "କବିତା କୋରକ"ଉନ୍ମୋଚିତ

କପ୍ତିପଦା,୧୫।୧୧ (ନି.ପ୍ର): ଯୁବ କବି ଅମିତାଭ ମିଶ୍ରଙ୍କ ଲିଖିତ ପୁସ୍ତକ "କବିତା କୋରକ" ଆଜି ନିରାଡମ୍ବର ଭାବରେ ରଘୁନାଥ ସେବାସଦନ ,ଗୌଡ଼ଗାଁ ପରିସରରେ ଉନ୍ମୋଚିତ ହୋଇଯାଇଅଛି । ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟିକୁ ଏକାଡେମୀର ସଭାପତି ଡକ୍ଟର ସରୋଜ କୁମାର ନାୟକ ଓ ଲବ୍ଧ ପ୍ରତିଷ୍ଠିତ ସାରସ୍ୱତ ସାଧକ ଡକ୍ଟର ଶ୍ରୀହରି ପଣ୍ଡା ଅତିଥି ଭାବେ ଯୋଗ ଦେଇ ଉନ୍ମୋଚନ କରିଥିଲେ । ଉକ୍ତ ପୁସ୍ତକରେ ୧୦୮ ଗୋଟି କ୍ଷୁଦ୍ର କବିତା ସ୍ଥାନିତ ହୋଇଛି । ବାରିପଦା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଶ୍ରୀ ମିଶ୍ରଙ୍କର ଏହା ଚତୁର୍ଦ୍ଦଶ ପୁସ୍ତକ ହୋଇଥିବା ବେଳେ ଏଥି ପୂର୍ବରୁ ତାଙ୍କ ଲିଖିତ ସ୍ମୃତିମଞ୍ଜୁଳା, ସୃଷ୍ଟି ସମଗ୍ର, ରୂପାନ୍ତର, ମଣିମାଣିକ୍ୟ, ଶିଶୁ ; ମୋ ଦେଶର ଶିଶୁ, କବିତା କବରୀ, ମହମହ ମାଟିର ମହକ, ପ୍ରେମ, କବିତା କଳାପ, ଟିକିଟିକି ତାରାଫୁଲ, କବିତା କହ୍ଲାର, କବିତା କଜ୍ଜଳତା, କବିତା କସ୍ତୁରୀ ପ୍ରଭୃତି ପୁସ୍ତକ ପାଠକୀୟ ଅଦୃତି ଲଭିଛି । ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସଂପାଦକ ଶ୍ରୀ ମିଶ୍ର ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ନିକଟରେ ଏଥି ନିମନ୍ତେ ନିଜର କୃତଜ୍ଞତା ବ୍ୟକ୍ତ କରିଛନ୍ତି। ବିଶିଷ୍ଟ ସାହିତ୍ୟିକା ବିଦ୍ୟୁତ ଲତା ପଣ୍ଡା ପୁସ୍ତକଟିକୁ ସମୀକ୍ଷା କରିଥିବା ବେଳେ ତାରିଣୀ ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ କୋଭିଡ ନିୟମ ଅନ୍ତର୍ଗତ ସାମାଜିକ ଦୂରତା ବଜାୟ ରଖି ଅଞ୍ଚଳର ବୁଦ୍ଧିଜୀବି ଅଂଶ ଗ୍ରହଣ କରିଥିଲେ ।

କୁମ୍ଭକର୍ଣ୍ଣ ନିଦ୍ରାରେ ଜଳ ସମ୍ପଦ ବିଭାଗ : ଏସ ଡିଓଙ୍କର ପୁରୁଣା ଆବାସିକ କାର୍ଯ୍ୟାଳୟକୁ ତାଡିନେଲେ ଦୁର୍ବୃତ

କେନ୍ଦ୍ରାପଡ଼ା,୧୫।୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ରଣପଡା ଠାରେ ଥିବା ଜଳ ସମ୍ପଦ ବିଭାଗର ପୁରୁଣା ଆବାସିକ କାର୍ଯ୍ୟାଳୟ ବାବୁହତା ଏବେ ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି । କେନ୍ଦ୍ରାପଡା ହାଇସ୍କୁଲ ପଡିଆ ନିକଟରେ ଥିବା ପ୍ରାୟ ୬ ଗୁଣ୍ଠ ପରିମିତ ସରକାରୀ ଜମି ଅପରାଧୀଙ୍କ ଚାରଣ ଭୂମିରେ ପରିଣତ ହୋଇଛି । ଏହି ଜମି ଉପରେ ଥିବା ପୁରୁଣା ଆବାସିକ କାର୍ଯ୍ୟାଳୟର ପୁରୁଣା ଘର ଓ ଏହାର ଛାତ, କବାଟ, ଝରକା ଏପରିକି କାନ୍ଥ ଓ ମୂଳଦୁଆ ସବୁ ଲୋକମାନେ ତାଡି ନେଇଯାଇ ଥିବାରୁ ଘରର କୌଣସି ଚିହ୍ନବର୍ଣ୍ଣ ନାହିଁ। କୋଟି କୋଟି ଟଙ୍କାର ଏହି ସମ୍ପତି ଓ ଘରକୁ ବିଭାଗ ପକ୍ଷରୁ ଅବହେଳା କରାଯାଇ ଥିବାରୁ ତାହାର ଚିହ୍ନବର୍ଣ୍ଣ ନଥିବା ଓ ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ କୃଷି ବହୁଳ କେନ୍ଦ୍ରାପଡା ଜିଲ୍ଲାରେ ଜଳ ସମ୍ପଦ କାର୍ଯ୍ୟାଳୟ କରିବା ପାଇଁ ୧୯୬୪ ମସିହାରେ କଟକ ଜଳ ସେଚନ ଡିଭିଜନ ଅଧିନରେ ଏହି କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା । ୧୯୬୮ ମସିହା ରୁ ଜଳ ସମ୍ପଦ ବିଭାଗ କଟକ ଡିଭିଜନ ଅଧିନରେ ଓ ୧୯୭୦ ମସିହା ରୁ ମହାନଦୀ କେନ୍ଦ୍ରୀୟ ଡିଭିଜନ ଅଧିନରେ ଏହି ବିଲଡିଂ ପ୍ରମୁଖ କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଉ ଥିଲା । ଏହା ଏକ ଆବାସିକ କାର୍ଯ୍ୟାଳୟ ଓ ଏଠାରେ ଜଳ ସମ୍ପଦ ବିଭାଗର ଏସଡିଓ ଅବସ୍ଥାନ କରୁ ଥିବାରୁ ଏହାକୁ ସ୍ଥାନୀୟ ଅଂଚଳରେ ବାବୁହତା ବୋଲି କୁହାଯାଉ ଥିଲା । ୧୯୭୫ ମସିହା ରେ କେନ୍ଦ୍ରାପଡା କୁ ଜଳସେଚନ ଡିଭିଜନର ମାନ୍ୟତା ଦିଆଯିବା ପରେ ୨୦୦୮ ପର୍ଯ୍ୟନ୍ତ ବାବୁହତା ଜଳ ସମ୍ପଦ କୋଠିରେ କେନ୍ଦ୍ରାପଡା ସବ ଡିଭିଜନ ର ଏସଡିଓଙ୍କ ଆବାସିକ କାର୍ଯ୍ୟାଳୟରେ ପରିଣତ କରାଯିବା ସହ ନିୟମିତ ଭାବେ ଅଧିକାରୀ ମାନେ ରହି ଆସୁଥିଲେ । ତତ୍‌କାଳୀନ ଏସଡିଓ ଇଂ କୁଗଳ କିଶୋର ତ୍ରିପାଠୀଙ୍କ ପର୍ଯ୍ୟନ୍ତ ଏହା ଏକ ପ୍ରମୁଖ ସରକାରୀ କୋଠିରେ କାର୍ଯ୍ୟକରି ଆସୁଥିଲା । ତାଙ୍କ ବଦଳି ପରେ ଇଂ ପ୍ରଶାନ୍ତ ଦାସ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ଦୁଇ ସବ ଡିଭିଜନ ର ଦାୟିତ୍ୱରେ ରହିବାରୁ ରଣପଡା ଏହି ବାବୁହତା ଆବାସିକ କାର୍ଯ୍ୟାଳୟ କୁ ପଟ୍ଟାମୁଣ୍ଡାଇ କୁ ଉଠାଇ ନେଇଥିଲେ । ଫଳରେ ଏହି ବିରାଟ କୋଠି ଦୀର୍ଘଦିନ ଧରି ପରିତ୍ୟକ୍ତ ଭାବେ ପଡି ରହିଥିଲା । ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ କୋଠିକୁ ଭଙ୍ଗାରୁଜା କରି ମୂଲ୍ୟବାନ କାଠ ଓ ଲୁହା ସାମଗ୍ରୀ କବାଟ, ଝରକା, ଟେବୁଲ, ଥାକ, ଫ୍ୟାନ, ଆଲମୀରା ପ୍ରଭୃତି ଚୋରାଇ ନେଇଗଲେ । ଏହା ସହ ଏହାର ଚର୍ତୁପାଶ୍ୱରେ ଥିବା ପାଚେରୀ ଓ ଘରର କାନ୍ଥ, ଛାତ ପ୍ରଭୃତିକୁ ଭଙ୍ଗାରୁଜା କରି ବୋହି ନେଇଗଲେ । ଅଳ୍ପ କେତେଦିନ ମଧ୍ୟରେ ଇଂରେଜଙ୍କ ସମୟରୁ ତିଆରି ହୋଇଥିବା ଏହି କୋଠାଟିକୁ ଏହାର ମୂଳଦୁଆ ସହିତ ତାଡି ନେଇଯିବା ଫଳରେ ବର୍ତମାନ ଏହି ବିଲଡିଂର କୌଣସି ଚିହ୍ନବର୍ଣ୍ଣ ନାହିଁ । ଏପରିକି ଏହାର ମୁଖ୍ୟ ଫାଟକରେ ଲାଗିଥିବା ଲୁହା ଗ୍ରୀଲ କୁ ଛାଡିଦେଲେ ଏହି ସୁସଜ୍ଜିତ ଅଫିସର ମାନଙ୍କ ବାସଗୃହ ଟିର କୌଣସି ଚିହ୍ନବର୍ଣ୍ଣ ନାହିଁ। କୋଟି କୋଟି ଟଙ୍କାର ଏହି ମୂଲ୍ୟବାନ ସରକାରୀ ଜମିର ଉପଯୋଗ କରାଯାଉ ନଥିବାରୁ ଏହାର ପରିସର ଗୋରୁଗାଈଙ୍କ ଚରା ଭୂଇଁ ଓ ଅସାମାଜିକଙ୍କ ଆଡ୍ଡାରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି । ଜିଲ୍ଲା ସଦର ମହକୁମା ରେ ଅନେକ କାର୍ଯ୍ୟାଳୟ ଭଡା ସୂତ୍ରରେ ଚାଲୁଥିବା ବେଳେ ଏହି ସରକାରୀ ଜମି ଉପରେ ରିଜର୍ଭ ପୋଲିସ କ୍ୱାଟର, ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଭଳି ଯେକୌଣସି ସରକାରୀ କାର୍ଯ୍ୟାଳୟ କରାଯାଇ ଏହି ମୂଲ୍ୟବାନ ସମ୍ପତିର ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦାବି ହେଉଛି । ଜିଲ୍ଲା ପ୍ରଶାସନ ଏହି ସମ୍ପତିର ସଦୁପଯୋଗ କରି କାମରେ ଲଗାଇବା ପାଇଁ ସହରର ବହୁ ବୁଦ୍ଧିଜିବୀ ଦାବି କରିଛନ୍ତି ।

ଗାଁ ଗାଁ ରେ ତେଜୁଛି ମଦ ବିରୋଧି ଆନ୍ଦୋଳନ

କନ୍ଧମାଳ,୧୫।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧିନରେ ଥିବା ବିଭିନ୍ନ ଗ୍ରାମାଂଚଳ ମାନଙ୍କରେ ଏବେ ମଦ ବିରୋଧି ଆନ୍ଦୋଳନ ଦିନକୁ ଦିନ ତେଜିବାରେ ଲାଗିଛି । ଆଜି ସାଡିଙ୍ଗିଆ ପଂଚାୟତ ଅନ୍ତର୍ଗତ ଲେଣ୍ଡ୍ରିଗାଁ ମହିଳା ସଂଘ ନେତୃତ୍ୱରେ ସାଡିଙ୍ଗିଆ ହାଟପଦା ଠାରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶ ରେ ସାଡିଙ୍ଗିଆ ଓ ସୁମେରବନ୍ଧ ପଂଚାୟତ ଅନ୍ତର୍ଗତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିର ଅତାଧିକ ମହିଳା ମାନେ ସାମିଲ୍ ହୋଇ ମଦ ବିରୋଧି ଆନ୍ଦୋଳନକୁ ସମର୍ଥନ ଜଣାଇ ସାଡିଙ୍ଗିଆ ସରପଂଚ ନିରସ୍ତମ କହଁର ଓ ସୁମେରବନ୍ଧ ପଂଚାୟତର ସରପଂଚ ସୁବଳ କହଁର ପ୍ରମୁଖ ସାମିଲ୍ ହୋଇଥିଲେ । ମହିଳା ସଂଘର ସଭାପତି ବୁଟି ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶ କୁ ସଂଘର ସମ୍ପାଦିକା କାବେରି କହଁର ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଡିଙ୍ଗିଆ ପଟ୍ଟାୟତ ସମିତି ସଭ୍ୟ ପେରେଟା କହଁର, ସାଡିଙ୍ଗିଆ କୁଇ ସମାଜ ସଭାପତି ସଦାଶିବ କହଁର, ୱାର୍ଡ ମେମ୍ବର ବ

ନବନିର୍ବାଚିତ ସଦର ବିଧାୟକଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୧୫।୧୧ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନରେ ବିଜୟୀ ନବ ନିର୍ବାଚିତ ବିଧାୟକ ସ୍ୱରୂପ ଦାସଙ୍କୁ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । କମିଟିର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏହି ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଥିଲା । ବାଲେଶ୍ୱରରେ ଥିବା ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ତହିଁର ପ୍ରତିକାର ସମ୍ପର୍କରେ ବିଧାୟକଙ୍କୁ କର୍ମକର୍ତ୍ତାମାନେ ଅବଗତ କରାଇଥିଲେ । ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ବାଲେଶ୍ୱରବାସୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ପ୍ରତି ସ୍ୱତନ୍ତ୍ର ଧ୍ୟାନଦେବାକୁ ପ୍ରତିଶ୍ରୁତି ଦେଇଥିବାରୁ ଏହି ସବୁ ସମସ୍ୟା ଓ ସମାଧାନ ସମ୍ପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଧାୟକ ଶ୍ରୀ ଦାସ ସମ୍ବର୍ଦ୍ଧନା ପ୍ରତି ଉତ୍ତରରେ କହିଥିଲେ । ସେ କ୍ରିୟାନୁଷ୍ଠାନ କମିଟିର ଜଣେ ପେଟ୍ରୋନ ସଭ୍ୟ ଓ ବିଧାୟକ ଭାବେ କ୍ରିୟାନୁଷ୍ଠାନସମସ୍ତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କର୍ମକର୍ତ୍ତାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରଫେସର ଅନନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅବସରରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପଣ୍ଡା, ବରେନ୍ଦ୍ର ଦାସ, ପାର୍ବତୀ ନନ୍ଦୀ ଓ ଡା. ସନାତନ ଦାସଙ୍କ ଦେହାନ୍ତରେ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଭାକର ସାହୁ, ବାସନ୍ତୀ ନାୟକ, ଗୋପୀନାଥ ଶତପଥୀ, ପାର୍ଥସାରଥୀ ଦତ୍ତ, ଦୀନବନ୍ଧୁ ଲେଙ୍କା, ଅର୍ଚ୍ଚନା ନନ୍ଦୀ, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ପ୍ରଫୁଲ୍ଲ କୁମାର ଦାସ, ଡ. ତାରାକାନ୍ତ ନନ୍ଦ, ଶ୍ରୀମତୀ ସରସ୍ୱତୀ ପଣ୍ଡା, ଶଶାଙ୍କ ଶେଖର ଦତ୍ତ, ରବି କୁମାର ପାଣିଗ୍ରାହୀ, ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ରାୟ, ବ୍ରହ୍ମାନନ୍ଦ ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ, ନାରାୟଣ କୁମାର ଦାସ, ଇଂ ହୃଷିକେଶ ସାହୁ, ଶ୍ୟାମସୁନ୍ଦର ଜେନା, ପଦ୍ମଲୋଚନ ଦତ୍ତ, ରଞ୍ଜନ କୁମାର ଭୋଇ, କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଇଂ ବନମାଳି ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

କଟକରେ ଗତ ୨୪ ଘଣ୍ଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୩୧ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୧୫।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଣ୍ଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୩୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୫୦୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଙ୍ଘନ କରିଥିବା ୬୩୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି ।

ଆନନ୍ଦାୟନ କନ୍ୟାଶ୍ରମରେ ଚାଇଲ୍ଡଲାଇନ୍ ପକ୍ଷରୁ ଶିଶୁ ଦିବସ ପାଳିତ

ଜଳେଶ୍ୱର,୧୫।୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋପୀମୋହନପୁର ପଂଚାୟତର ସରସୀଦାଠାରେ ଥିବା ଆନନ୍ଦ ଦାୟିନୀ କନ୍ୟାଶ୍ରମରେ ଜିଲା ଚାଇଲ୍ଡଲାଇନ୍ ପକ୍ଷରୁ ଶିଶୁ ଦିବସ ପାଳନ ଓ ବାଳିକାମାନଙ୍କୁ ସଚେତନତା ତଥା ବିଭିନ୍ନ ବିଷୟରେ ପ୍ରତିଯୋଗୀତା କରାଯାଇଛି । ଏହି ଅବସରରେ ଜିଲା ଚାଇଲ୍ଡଲାଇନ୍‌ର ମୁଖ୍ୟ ପ୍ରଶାନ୍ତ କୁମାର ରାଉତ ଅଧ୍ୟକ୍ଷତା କରି ଏଥିନେଇ ବାଲେଶ୍ୱର ଜିଲାରେ ବାଲ୍ୟ ବିବାହ ବନ୍ଦ କରିବା, ଶୋଷଣ, ନିର୍ଯ୍ୟାତନା ଇତ୍ୟାଦି ସଂପର୍କରେ କାର୍ଯ୍ୟକରିଥିବାର କେତେକ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ହାଇକୋର୍ଟର ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଯୋଗ ଦେଇ ଶିଶୁ ମାନଙ୍କୁ ନେଇ ବିଭିନ୍ନ ଆଇନ୍ ସଂପର୍କରେ ବର୍ଣ୍ଣନା କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ଅନ୍ତେବାସୀମାନେ ପ୍ରତିଦିନ ସମ୍ମୁଖୀନ ହେଉଥିବା ଅସୁବିଧାକୁ ସଂଗଠନର ମୁଖ୍ୟଙ୍କୁ ଜଣାଇବା ଉଚିତ ବୋଲି କହିଥିଲେ । ସାମ୍ବାଦିକ ତଥା ସ୍ତମ୍ଭକାର ରାମଚନ୍ଦ୍ର ସିଂହ ଯୋଗ ଦେଇ ଅନ୍ତେବାସୀଙ୍କର ବିଭିନ୍ନ ସମସ୍ୟା ଆଲୋଚନା କରି ସେଠାରେ ରହୁଥିବା ପିତାମାତାହୀନ ଓ ନିସହାୟ କନ୍ୟାମାନଙ୍କୁ ସରକାରୀ ସହାୟତା ଯୋଗାଇବାକୁ ପ୍ରସ୍ତାବ ରଖିଥିଲେ । ସଂଗଠନର ସଭ୍ୟ କାଳିଚରଣ ଦାସ, ସାମ୍ବାଦିକ ଅବନୀ ଚାନ୍ଦ, ଶିଶୁ ଦିବସର ଉଦ୍ଦେଶ୍ୟ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟକରି ଆଧ୍ୟାତ୍ମିକ ଚିନ୍ତା ଚେତନା ମଧ୍ୟରେ ସମୟ ଅତିବାହିତ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ସଂଗଠନର ପ୍ରତିଷ୍ଠାତା କାଞ୍ଚନ ବାଳା ପରିଡା ୨୦୦୪ ମସିହାରୁ ଏପରି ଏକ ଅନୁଷ୍ଠାନ ଖୋଲି ନିରାଶ୍ରୟ ଝିଅମାନଙ୍କୁ ନେଇ ରକ୍ଷଣାବେକ୍ଷଣ କରିବା ସହିତ ଶିକ୍ଷା ବ୍ୟବସ୍ଥା ଚାଲିଥିବା ସଂପର୍କରେ କହିଥିଲେ । ଏପରି ଅନୁଷ୍ଠାନକୁ ସରକାର ହାତକୁ ନେଇ ଏରି ଝିଅମାନଙ୍କୁ ନୂତନ ରାହାଦେବାରେ ସହାୟକ ହୁଅନ୍ତୁ ବୋଲି କହିଥିଲେ । ଇଂ ବେଦିନାଥ ପରିଡା ଗ୍ରାମାଞ୍ଚଳର ଏପରି ଏକ ଅନୁଷ୍ଠାନ ଚଳାଇବା ର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ନାଚ, ଗୀତ, ଡ୍ରଇଂ ଇତ୍ୟାଦିରେ କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଦିଲ୍ଲୀରେ ୨ ଗୁଣା...

ଶଯ୍ୟା ଉପଲବ୍ଧତା ବୃଦ୍ଧି ଲକ୍ଷ୍ୟରେ ଆହୁରି ମଜବୁତ କରାଯିବ । ବୈଠକ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ଅକ୍ଟୋବର ପରେ ଦିଲ୍ଲୀରେ କରୋନା ମାମଲା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏଭଳି ପରିସ୍ଥିତିରେ ସମସ୍ତେ ଏକାଠି କାମ କରିବା ଆବଶ୍ୟକତା ରହିଛି । ଦୈନିକ ପରୀକ୍ଷଣ କ୍ଷମତା ବୃଦ୍ଧି ହେବାର ଆଲୋଚନା ହୋଇଛି । ପ୍ରଦୂଷଣକୁ ନେଇ କୌଣସି ଆଲୋଚନା ହୋଇନାହିଁ । ଆସନ୍ତାକାଲି (ସୋମବାର) ପ୍ରଦୂଷଣ ପ୍ରସଙ୍ଗରେ ଏକ ବୈଠକ ହେବ ବୋଲି ଆଶା କରାଯାଉଛି ।

ଥମୁନି କରୋନା...

ମୃତ୍ୟୁ ବରଣ କରିଛନ୍ତି । କଳାହାଣ୍ଡି ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୫୩ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୬୩ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ୫୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୨୮ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ, ଜଣେ ୩୬ ବର୍ଷୀୟ ପୁରୁଷ ତଥା ଅନ୍ୟ ଜଣେ ୭୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ଗୋଟିଏ ଦିନରେ ୭୫୩...

କୋରାପୁଟରୁ ୧୨ ଜଣ, ମାଲକାନଗିରିରୁ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୫ ଜଣ, ନବରଙ୍ଗପୁରରୁ ୧ ଜଣ, ନୟାଗଡ ଜିଲ୍ଲାରୁ ୬ ଜଣ, ନୂଆପଡ଼ାରୁ ୬୫ ଜଣ, ପୁରୀରୁ ୩୪ ଜଣ, ରାୟଗଡା ଜିଲ୍ଲାରୁ ୫ ଜଣ, ସମ୍ବଲପୁରରୁ ୨୦ ଜଣ, ସୋନପୁରରୁ ୭ ଜଣ, ସୁନ୍ଦରଗଡ଼ରୁ ୭୫ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୧୦ ଜଣ ଚିହ୍ନଟ ହୋଇଛନ୍ତି ।

ମଂଚ ନାଟକକୁ ...

ଫଳରେ ଏହା ଉପରେ ନିର୍ଭର କରୁଥିବା ଶହ ଶହ ମଂଚ କଳାକାର, ନିର୍ଦ୍ଦେଶକ, ଲେଖକ, ସଂଗୀତକାରଙ୍କ ପର୍ଯ୍ୟନ୍ତ ଜୀବିକା ହରାଇଛନ୍ତି । ସେମାନେ ଓ ସେମାନଙ୍କ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ଅର୍ଥନୈତିକ ଗତିବିଧିକୁ ସରକାର ଅନୁମତି ଦେଇଥିଲେ ବି ଏ ଯାଏଁ ଅନେକ କାର୍ଯ୍ୟକ୍ରମ ଉପରେ ପ୍ରତିବନ୍ଧକ ଜାରି ରହିଛି । ମଂଚ ଓ ଥିଏଟରକୁ ସରକାର ଏ ଯାଏଁ ଅନୁମତି ଦେଇନାହାନ୍ତି । ଦୁଃସ୍ଥ କଳାକାରଙ୍କୁ ସହଯୋଗ କରିବାକୁ ବି ସେମାନେ ସରକାରଙ୍କୁ କରିଛନ୍ତି ।

କେନ୍ଦ୍ରୀୟ ଶ୍ରମିକ...

ବିପଦ ଭାବେ ଉଭା ହେବ ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି । ଶ୍ରମିକ ବିରୋଧୀ କୋଡ଼କୁ ପ୍ରତ୍ୟାହାର କରିବା, କୃଷକ ବିରୋଧୀ ଆଇନ ପ୍ରତ୍ୟାହାର, ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟବୃଦ୍ଧି ନିୟନ୍ତ୍ରଣ, ଆୟକର ବାହାରେ ଥିବା ଗରିବ ପରିବାରକୁ ମାସିକ ୭,୫୦୦ ଟଙ୍କା ଓ ୧୦ କେଜି ଚାଉଳ ପ୍ରଦାନ, ପ୍ରତ୍ୟେକ ଶ୍ରମିକଙ୍କୁ ୨ଶହ ଦିନର କାର୍ଯ୍ୟଦିବସ ଯୋଗାଇ ଦେବା ପ୍ରଭୃତି ବହୁ ଦାନି ନେଇ ଆସନ୍ତା ୨୬ ତାରିଖରେ ହେଉଥିବା ଦେଶବ୍ୟାବୀ ଆନ୍ଦୋଳନକୁ ସଫଳ କରିବା ପାଇଁ ଶ୍ରମିକନେତାମାନେ ସମସ୍ତଙ୍କୁ ନିବେଦନ କରିଥିଲେ । ବିଭିନ୍ନ କେନ୍ଦ୍ର ସଂଗଠନ ସହ ଅନୁବନ୍ଧିତ ଡାକ, ପ୍ରତିରକ୍ଷା, ବ୍ୟାଙ୍କ, ବିଦ୍ୟୁତ୍, ଓଏଲଆଇସି, ଇପିଏଫ ପେନସନର୍ସ, ବୀମା, ରିକ୍ସା ଚାଳକ ସଂଘ ସମେତ ବହୁ ସଂଘର ପ୍ରତିନିଧିମାନେ ଏହି ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଦିନିକିଆ ଧର୍ମଘଟକୁ ସଫଳ କରିବା ସମ୍ପର୍କରେ ମତାମତ ଦେଇଥିଲେ ।

ଆର୍ଯ୍ୟ ସମାଜ ପକ୍ଷରୁ ଋଷି ନିର୍ବାଣ ଦିବସ ପାଳିତ

ଭୁବନେଶ୍ୱର,୧୫।୧୧ (ନି.ପ୍ର): ଭାରତବର୍ଷରେ ସଂସ୍କାରବାଦୀ ଆନ୍ଦୋଳନର ଅନ୍ୟତମ ପ୍ରବର୍ତକ, ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୮୭ତମ ନିର୍ବାଣ ଉତ୍ସବ ଗତକାଲି ପବିତ୍ର ଦୀପାବଳୀର ସନ୍ଧ୍ୟାରେ ଜୁମ୍ ଭିଡ଼ିଓ ଯୋଗେ, ଆର୍ଯ୍ୟ ସମାଜ ଓଡ଼ିଶା ପକ୍ଷରୁ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭବେ ଉଦ୍‌ଘାଟନ କରି ଦିବ୍ୟଜୀବନ ସଂଘର ସବୁ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦ ତାଙ୍କ ମୃତ୍ୟୁ ପୂର୍ବରୁ ତାଙ୍କର ଭକ୍ତ ଶ୍ରଦ୍ଧାଳୁମାନଙ୍କୁ ସଙ୍କେତ ଦେଇଥିଲେ । ବୈଦିକ ଜ୍ଞାନକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ସହ ସମାଜର କଲ୍ୟାଣ ପାଇଁ ତାର ପ୍ରୟୋଗ ବିଷୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଚିନ୍ତନ କରୁଥିଲେ । ବିଶିଷ୍ଟ ବକ୍ତା ବେଦ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା କହିଲେ ଯେ, ଜଣେ ସାଧାରଣ ମଣିଷର ଉନ୍ନତି ପାଇଁ, ଧର୍ମର ଆବଶ୍ୟକତାକୁ ନେଇ, ମହର୍ଷି ଦୟାନନ୍ଦ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ । ବେଦର ପ୍ରତ୍ୟେକଟି ମନ୍ତ୍ର କିଭଳି ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ, ତାର ସରଳ ଉଦାହରଣମାନ ସେ ଦେଇଥିଲେ । ଅନ୍ୟତମ ବକ୍ତା ବେସିକ ସାଇନ୍ସ କଲେଜର ନିର୍ଦ୍ଦେଶକ ପ୍ରଫେସର ବିକାଶ ପଣ୍ଡା କହିଲେ ଯେ, ବିଜ୍ଞାନର ପ୍ରୟୋଗକୁ ମହର୍ଷି ଦୟାନନ୍ଦ ଧର୍ମ ମାଧ୍ୟମରେ କରିଛନ୍ତି । ଆର୍ଯ୍ୟ ସମାଜକୁ ସେ କେବଳ ଏକ ଆଧ୍ୟାତ୍ମବାଦୀ ଅନୁଷ୍ଠାନ ଭାବେ ସେ ପ୍ରତିଷ୍ଠା କରିନଥିଲେ, ସମାଜର ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ଆଜକୁ ୧୪୫ବର୍ଷ ତଳେ ଯେଉଁ ଆନ୍ଦୋଳନର ସୂତ୍ରପାତ୍ର ସେ କରିଥିଲେ ତାହାହିଁ ଥିଲା ଆର୍ଯ୍ୟ ସମାଜ । ଋଷି ନିର୍ବାଣ ଦିବସ ଅବସରରେ ଆର୍ଯ୍ୟ ଭବନଠାରେ ପଣ୍ଡିତ ବିନୋଦ ବିହାରୀ ଦାସଙ୍କ ଦ୍ୱାରା ବୈଦିକ ଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଆଜିର କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୁବ ଆର୍ଯ୍ୟ ସମାଜ, ଓଡ଼ିଶାର ସଭାପତି ପ୍ରବୀର ଆର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ ଓ ଶେଷରେ ଦୀପକ ଆର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଏଥର ଜନଜାତି ସଂଗ୍ରହାଳୟ ଭର୍ଚୁଆଲ ଟୁରରେ ଲାଞ୍ଜିଆ ସଉରା

ଭୁବନେଶ୍ୱର,୧୫।୧୧ (ନି.ପ୍ର): କୋଭିଡ୍ ପାଇଁ ରାଜ୍ୟ ଜନଜାତି ସଂଗ୍ରହାଳୟ ଦର୍ଶକମାନଙ୍କ ନିମନ୍ତେ ବନ୍ଦ ରହିଛି । ତେଣୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଫେସ୍‌ବୁକ ଓ ଟୁଇଟର ଯୋଗେ ଏସ୍.ସି.ଏସ୍.ଟି.ଆର.ଟି.ଆଇ ପରିସରରେ ଥିବା ଜନଜାତି ସଂଗ୍ରହାଳୟକୁ ପରିଦର୍ଶନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ନଭେମ୍ବର ୧୫ ତାରିଖଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଦର୍ଶକମାନେ ଭିଡ଼ିଓରେ ଲାଞ୍ଜିଆ ସଉରା ଜନଜାତିଙ୍କ ସଂପର୍କରେ ଜାଣିପାରିବେ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ସଉରା ଜନଜାତିର ଲୋକମାନେ ଓଡ଼ିଶାର ଦକ୍ଷିଣାଂଚଳ ପାର୍ବତ୍ୟ ଅଂଚଳରେ ବସବାସ କରିଥାନ୍ତି । ସେମାନେ ବେଶ୍ ଉଦ୍ୟୋଗୀ ଏବଂ ପାହାଡ଼ କାଟି ଧାନଚାଷ ପାଇଁ ଜଳପରିଚାଳନା ବ୍ୟବସ୍ଥା ନିଜେ କରିଥା'ନ୍ତି ଓ ଫଳ ଉପବନ ସୃଷ୍ଟି କରିଥାନ୍ତି । ସେମାନେ କଳାକାର ଓ ନିଜେ ସଂଗୀତ ପ୍ରସ୍ତୁତ କରି ଗାନ କରିଥା'ନ୍ତି । ଏହି ଜନଜାତି ସୁନ୍ଦର ଚିତ୍ରମାନ କାନ୍ଥରେ ଅଙ୍କନ କରିଥା'ନ୍ତି । ଏହା ବିଶ୍ୱପ୍ରସିଦ୍ଧ । ସେମାନେ ଅନେକ ଦେବଦେବୀଙ୍କୁ ପୂଜା କରିଥା'ନ୍ତି । ଓଡ଼ିଶା ଆଦିମ ଜନଜାତି ଶ୍ରେଣୀର ଏହି ସଉରା ଜନଜାତି ୨୫ଟି ଭାଗରେ ବିଭକ୍ତ । ସଉରା ଜନଜାତିର ଏକ ଅଂଶ ହେଉଛନ୍ତି ଲାଞ୍ଜିଆ ସଉରା । ସେମାନେ ମୁଖ୍ୟତଃ ଗଜପତି, ରାୟଗଡ଼ । (ପୂର୍ବାଂଚଳ ଘାଟ)ଠାରେ ବସବାସ କରିଥାନ୍ତି । କାନ୍ଥରେ ଚିତ୍ର କରିବା, କାଠଖୋଦେଇ, ପଥର କାଟିବା ଓ ଜଳ ପରିଚାଳନା, କାଜୁ ଚାଷ ଓ ପ୍ରକ୍ରିୟାକରଣ ସହିତ ସେମାନେ ପୋଡୁ ଚାଷ, ଉଦ୍ୟାନକୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ପୋଷାକଶୈଳୀ ଅନୁସାରେ ଏହି ସଉରା ଜନଜାତିଙ୍କୁ ଲାଞ୍ଜିଆ ସଉରା ନାମରେ ନାମିତ କରାଯାଇଛି । ସଉରା ମହିଳାମାନେ ଅଧିକ ଅଳଙ୍କାର ବ୍ୟବହାର କରନ୍ତି ନାହିଁ । କାନରେ ଝୁଲା ଅଳଙ୍କାର ଓ କପାଳର ମଧ୍ୟ ଭାଗରେ ଚିତା କୁଟାଇଥା'ନ୍ତି । ପାହାଡ଼ର ଶୀର୍ଷରେ ସେମାନେ ଘର ତିଆରି କରିଥା'ନ୍ତି । ସେମାନଙ୍କର ଆକର୍ଷଣୀୟ ଚିତ୍ରକଳା 'ଇଡ଼ିତାଲ୍' ନାମରେ ନାମିତ । ସେମାନଙ୍କର ମୁଖ୍ୟ ପର୍ବ ହେଉଛି ବାରୁଇସିମ୍-ବୁରୋ-ଏନ୍-ଏ-ଅଦୁର, ଗାନୁଗେ-ଏନ୍-ଏ-ଅଦୁର, ଓସା-ନା-ଅଦୁର, ରାଗୋ-ଏନ୍-ଏ-ଅଦୁର, କୋନ୍‌ଡାମ୍-ଏନ୍?-ଏ-ଅଦୁର୍ ।

ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲରେ ନେହେରୁ-ବିର୍ସାମୁଣ୍ଡା ଜୟନ୍ତୀ

ବାଲେଶ୍ୱର,୧୫।୧୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ସିନ୍ଦୂରୀ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍ ପରିସରରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ଏବଂ ସ୍ୱାଧୀନତା ସଂଗ୍ରାମୀ ଶହିଦ୍ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ କୋଭିଡ୍ ନିୟମ ଭିତ୍ତିରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ଉପ-ସଭାପତି କବି ଶ୍ରୀଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ସଂପାଦିକା ଜୟନ୍ତୀ ପାଣିଗ୍ରାହୀ, ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷ ରାମଚନ୍ଦ୍ର ଜେନା, ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଘୋଷ, ସନ୍ତୋଷ କୁମାର ପଣ୍ଡା, ଏଚ୍.ଏଚ୍. ଶ୍ରୀରାମ, ମହମ୍ମଦ ହୁସେନ୍, ଅଜୟ କୁମାର ଜେନା, ଉପାଧ୍ୟକ୍ଷା ଶ୍ରୀମତୀ ସରୋଜିନୀ ମିଶ୍ର ଓ ଶ୍ରୀମତୀ ମୋନାଲିସା ପଣ୍ଡା, ଶିକ୍ଷୟିତ୍ରୀ ସସ୍ମିତା ଆଚାର୍ଯ୍ୟ, ମନ୍ଦାକିନୀ ରାଉତ, ପ୍ରଣିତା ଅଗସ୍ତି, ପ୍ରିୟା ପାଲ୍, ସୁମିତା ନାୟକ ପ୍ରମୁଖ ଉପସ୍ଥିତ ରହି ଚାଚା ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଶିଷ୍ଟ ସଂଗ୍ରାମୀ ଓ ଶହୀଦ୍ ବିର୍ସା ମୁଣ୍ଡାଙ୍କୁ ମଧ୍ୟ ସ୍ମରଣ କରାଯାଇଥିଲା । ସଭାକାର୍ଯ୍ୟ ଆରମ୍ଭ ଓ ଶେଷରେ ଅଧ୍ୟକ୍ଷ ଶ୍ରୀ ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେସଙ୍ଗେ କୃତଜ୍ଞତା ଜ୍ଞାପନ କରିଥିଲେ । ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜ୍ଞାନ ପ୍ରକାଶ ପାଣିଗ୍ରାହୀ, ହରିହର ବେହେରା, ଶ୍ରୀମତୀ ପ୍ରଣିତା ପାଣିଗ୍ରାହୀ, ରାଜଲକ୍ଷ୍ମୀ ବେହେରା, ମନ୍ମଥ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ

ସୋମବାର, ୧୬ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ମିଳିତ ସମ୍ମେଳନ: ୨୬ ତାରିଖ ଧର୍ମଘଟ ସଫଳତା ପାଇଁ ନିଷ୍ପତ୍ତି

ବାଲେଶ୍ୱର,୧୫।୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୋଧରେ ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଦେଶବ୍ୟାପୀ ଧର୍ମଘଟ ପରିପ୍ରେକ୍ଷୀରେ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ଏକ ସମ୍ମିଳନୀ ସହରର ପରିବହନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ସଂଗଠନ ସମନ୍ୱୟ ସମିତି (ଟିୟୁସିସି)ର ସଭାପତି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିବା ସହିତ କରୋନା କାଳରେ ଦେଶର ଗରିବ ଓ ମଧ୍ୟବିତ୍ତ ବର୍ଗଙ୍କ ସମେତ ସାଧାରଣ ଜନତାଙ୍କ ଉପରେ ଚାଲିଥିବା ସରକାରଙ୍କ ଦମନ ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର ପ୍ରତିବାଦରେ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ମିଳିତ ଆହ୍ୱାନ କ୍ରମେ ଆସନ୍ତା ୨୬ ତାରିଖରେ ହେବାକୁ ଦେଶବ୍ୟାପୀ ଧର୍ମଘଟକୁ ବାଲେଶ୍ୱରରେ ସଫଳ କରିବା ପାଇଁ ଶ୍ରୀ ପଣ୍ଡା ସମସ୍ତଙ୍କୁ ନିବେଦନ କରିଥିଲେ। ସିଆଇଟିୟୁ, ଆଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ ପ୍ରଭୃତି ସଂଗଠନର କର୍ମକର୍ତ୍ତା ସୁରେଶ ଚନ୍ଦ୍ର ବେହେରା, ଭାଗବତ ପ୍ରତିହାରୀ, ଅରୁଣ ସ୍ୱାଇଁ, ଶାନ୍ତନୁ ଦାସ, ବିନୋଦ ହାଁସଦା, ଗୌରାଙ୍ଗ ପାଣିଗ୍ରାହୀ, ଉମାକାନ୍ତ ଦାସ ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ମାରଣ ନୀତିକୁ ତୀବ୍ର ବିରୋଧ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ସରକାର ଶ୍ରମିକଙ୍କ ଆଇନଗତ ଅଧିକାରକୁ ସଂକୁଚିତ ସହ ସେମାନଙ୍କୁ କ୍ରୀତଦାସ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଦେଶର ପ୍ରଚଳିତ ୪୪ ଗୋଟି ଶ୍ରମ ଆଇନ୍‌କୁ ସଂଶୋଧନ କରି ମାତ୍ର ୪ ଗୋଟି ଶ୍ରମ କୋର୍ଡ଼ରେ ପରିଣତ ସହ ଶ୍ରମିକଙ୍କ ଅଧିକାରକୁ ସରକାର ଉଚ୍ଛେଦ କରିବାକୁ ଯାଉଛନ୍ତି। ଫଳରେ ଅନ୍ୟାୟ ବିରୋଧରେ ମୁଁହ ଖୋଲିବାକୁ ବି ଶ୍ରମିକମାନେ ସୁଯୋଗ ପାଇବେ ନାହିଁ। ଅନ୍ୟପକ୍ଷରେ ୬୦ ବର୍ଷଧରି ଦେଶରେ ଗଢ଼ି ଉଠିଥିବା ଉଦ୍ୟୋଗକୁ ବିଲୋପ କରିବାରେ ସରକାରଙ୍କ ଘରୋଇକରଣ ନୀତି ଆଗାମୀ ଦିନରେ ଦେଶବାସୀଙ୍କ ପାଇଁ ମହା ▶▶ପୃଷ୍ଠା ୭

ଉପ-ନିର୍ବାଚନ ସଫଳତାକୁ ନେଇ ବିଜେଡିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

ବାଲେଶ୍ୱର,୧୫।୧୧ (ନି.ପ୍ର): ସଦର ଉପ-ନିର୍ବାଚନରେ ସଫଳତା ପରେ ବିଜେଡିର ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ସମ୍ମିଳନୀ ଜିଲ୍ଲା ସଭାପତିଙ୍କ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲ୍ଲା ସଭାପତି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିବା ସହିତ ଉପସ୍ଥିତ ରାଜ୍ୟନେତା ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବାଲେଶ୍ୱରର ବିକାଶକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରିତା ନେଇ ଚିଠା ପ୍ରସ୍ତୁତି ସମ୍ପର୍କରେ ସେ ସମସ୍ତଙ୍କୁ ସୂଚନା ଦେଇଥିଲେ। ଆଇନମନ୍ତ୍ରୀ ପ୍ରତାପ ଜେନା, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରାଜ୍ୟସଭା ସାଂସଦ ପ୍ରତାପ ଦେବ, ବିଜେଡି ରାଜ୍ୟ ଉପ-ସଭାପତି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଭୋଗରାଇ ବିଧାୟକ ଅନନ୍ତ ଦାସ, ବିଜେଡି ସାଧାରଣ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ଅରୁଣ ଦେ, ନବ-ନିର୍ବାଚିତ ସଦର ବିଧାୟକ ସ୍ୱରୂପ ଦାସ ପ୍ରମୁଖ ଏଥିରେ ଯୋଗଦେଇ ଗତ ଉପ-ନିର୍ବାଚନରେ ବାଲେଶ୍ୱରବାସୀଙ୍କ ଆଶାତୀତ ସମର୍ଥନକୁ ନେଇ କୃତଜ୍ଞତା ପ୍ରକାଶ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରରେ ନ ଆସି ଜିଲ୍ଲାର ବିକାଶ ପାଇଁ ଦେଇଥିବା ପ୍ରତିଶ୍ରୁତି କିପରି କାର୍ଯ୍ୟକାରୀ ହେବ ସେନେଇ ଏହି ସମ୍ମିଳନୀରେ ଉପସ୍ଥିତ ନେତାମାନେ ଚିଠା ପ୍ରସ୍ତୁତ କରିଥିଲେ। ନିର୍ବାଚନ ସମୟରେ ପ୍ରଚାର କାର୍ଯ୍ୟକୁ ପରିଚାଳନା କରିଥିବା ପର୍ଯ୍ୟବେକ୍ଷକମାନେ ପୁଣିଥରେ ନିର୍ଦ୍ଦିଷ୍ଟ ପଞ୍ଚାୟତ ଓ ୱାର୍ଡ଼କୁ ଯାଇ ଜନସାଧାରଣଙ୍କୁ ଭେଟି ସେମାନଙ୍କ ସମର୍ଥନ ପାଇଁ କୃତଜ୍ଞତା ଜଣାଇବେ। କୃତଜ୍ଞତା ଜଣାଇବା ଅବସରରେ ଜନସାଧାରଣଙ୍କ ସମସ୍ୟା ସଂଗ୍ରହ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯିବ। ପରବର୍ତ୍ତୀ ସମୟରେ କମ୍ ସମୟ ମଧ୍ୟରେ କିପରି ଲୋକଙ୍କ ସମସ୍ୟା ସମାଧାନ ହେବ ସେନେଇ ଉଚିତ ପଦକ୍ଷେପ ଗହଣ କରାଯିବ ବୋଲି ମନ୍ତ୍ରୀ ଓ ବିଜେଡି ରାଜ୍ୟ ନେତାମାନେ ସୂଚନା ଦେଇଥିଲେ। ତେବେ ପର୍ଯ୍ୟବେକ୍ଷକମାନେ ଆସନ୍ତାକାଲିଠାରୁ ୱାର୍ଡ଼ ଓ ପଞ୍ଚାୟତକୁ ଯାଇ କାର୍ଯ୍ୟ ଆରମ୍ଭ କରିବେ ବୋଲି ଏହି ସମ୍ମିଳନୀରେ ନିଷ୍ପତି ନିଆଯାଇଥିଲା। ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଓ ଜିଲ୍ଲାବାସୀଙ୍କ ବିଶ୍ୱାସକୁ ଆଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବ ବୋଲି ନେତାମାନେ କହିଛନ୍ତି। ଶେଷରେ ସମାଜସେବୀ ସୁବାସିନୀ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମଳନୀରେ ବିଜେଡିର ଜିଲ୍ଲାସ୍ତରୀୟ ବହୁ ଛାମୁଆ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

ଗୁଣପୁରରେ ୧୦ ଟଙ୍କିଆ ଓ ୧ ଟଙ୍କିଆ କଏନ୍ ଅଚଳ

ଗୁଣପୁର ,୧୫।୧୧ (ନି.ପ୍ର): ଆର୍‌ବିଆଇର ବାରମ୍ବାର ଘୋଷଣା ପରେ ମଧ୍ୟ ଗୁଣପୁରରେ ୧୦ ଟଙ୍କିଆ ଓ ୧ ଟଙ୍କିଆ କଇନ୍ ନେବାକୁ ମଙ୍ଗୁ ନାହାନ୍ତି ବ୍ୟବସାୟୀ ଏବଂ ମୁକଦ୍ରଷ୍ଟା ସାଜିଛି ପ୍ରଶାସନ। ବାର୍ତ୍ତାର ଆର୍‌ବିଆଇର ନିର୍ଦ୍ଦେଶ ଓ ପ୍ରଶାସନର ସଚେତନତା ପରେ ମଧ୍ୟ ବ୍ୟବସାୟୀ କିମ୍ବା ଉପଭୋକ୍ତାଙ୍କ ମଧ୍ୟରେ ଭେମାଳ ପରିସ୍ଥିତି ସୃଷ୍ଟି ହୋଇଥିବା କରଣରୁ ୧ ଟଙ୍କିଆ ଓ ୧୦ ଟଙ୍କିଆ କଇନ ଅକାମି ହୋଇ ଗୁଣପୁରରେ ଅଘୋଷିତ ବିମୁଦ୍ରକରଣର ବାତାବରଣ ସୃଷ୍ଟି କରିଛି। ଅନ୍ୟ ପକ୍ଷରେ ଗଚ୍ଛିତ କଇନଗୁଡ଼ିକୁ ବ୍ୟାଙ୍କକୁ ନେଇ ବ୍ୟବସାୟୀ ମାନେ ପଇଠ କରିବାକୁ ଗଲେ ବ୍ୟାଙ୍କ ଗୁଡ଼ିକ ମଙ୍ଗୁ ନ ଥିବା କାରଣରୁ ଏକ ଅହେତୁକ ପରିସ୍ଥିତି ସୃଷ୍ଟି ହୋଇଛି। ଉପଭୋକ୍ତା ବ୍ୟବସାୟୀଙ୍କୁ ଓ ବ୍ୟବସାୟୀ ବ୍ୟାଙ୍କକୁ ଦୟିତ୍ୱ ଲଦି ଦେଉଥିବା କାରଣରୁ ସମସ୍ତଙ୍କ ପାଖରେ ଠୁଳ ହୋଇ ପଡ଼ି ରହିଛି ଏକ ଟଙ୍କିଆ ଓ ଦଶ ଟଙ୍କିଆ କଇନ। ଅନ୍ୟ ପକ୍ଷରେ ବିଭିନ୍ନ ସଂଗଠନ ଏ ନେଇ ପ୍ରଶାସନକୁ ହସ୍ତକ୍ଷେପ ନିମନ୍ତେ ଦାବି କରୁଥିଲେ ମଧ୍ୟ ପ୍ରଶାସନ ମୁକଦ୍ରଷ୍ଟା ସାଜି କୌଣସି ପଦକ୍ଷେପ ନ ନେବା କାରଣରୁ ଅନେକ ଭେମାଳ ଓ ଅଘୋଷିତ ବିମୁଦ୍ରିକରଣ ପରିସ୍ଥିତି ଗୁଣପୁରରେ ସୃଷ୍ଟି ହୋଇଛି। ଉପଭୋକ୍ତା ଫୋରମ ତରଫରୁ ପ୍ରଶାସନର ଏଭଳି ବେପରୁଆ ମୋନଭାବକୁ ନିନ୍ଦାକରିବା ସହ ଗରିବ ଖଟିଖିଆଙ୍କ ନିକଟରେ ଗଚ୍ଛିତ ଓ ଅକାମି ହୋଇଥିବା ଏହି କଏନ ଗୁଡ଼ିକର ଉତ୍ତରଦାୟିତ୍ୱ କିଏ ନବ ବୋଲି ପ୍ରଶ୍ନ କରାଯାଇଛି। ଏଣୁ ପ୍ରଶାସନ ଏହି ଦିଗରେ ପଦକ୍ଷେପ ନେଇ ତୁରନ୍ତ ବ୍ୟାଙ୍କ ବ୍ୟବସାୟୀ ଓ ଜନସାଧାରଣଙ୍କ ଏକ ସମନ୍ୱୟ ବୈଠକ ଡାକି ସମସ୍ୟା ସମାଧାନ ଦିଗରେ ସହାୟକ ହେବା ନିମନ୍ତେ ସାଧାରଣରେ ଦାବି ହେଉଛି।

ବିରସା ମୁଣ୍ଡାଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ,୧୫।୧୧ (ନି.ପ୍ର): ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ବିରସା ମୁଣ୍ଡାଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି ।

ସେ ଟ୍ୱିଟ କରି କହିଛନ୍ତି ଯେ - ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ଜନନାୟକ ଶହୀଦ ବୀର୍ସା ମୁଣ୍ଡାଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି। ତାଙ୍କ ବିରତ୍ୱ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ହୋଇ ରହିଛି।

ଜନଜାଗୃତି ମଞ୍ଚର ନେତୃତ୍ୱରେ ବିର୍ଷା ମୁଣ୍ଡାଙ୍କ ୧୪୬ ତମ ଜୟନ୍ତୀ ପାଳିତ

ଉଦଳା,୧୫।୧୧ (ନି.ପ୍ର): ମୟୂରଭଞ୍ଜରେ କାର୍ଯ୍ୟରତ ଲୋକ ସଂଗଠନ ଜନଜାଗୃତି ମଞ୍ଚର ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଭଗବାନ ବିର୍ଷା ମୁଣ୍ଡାଙ୍କ ୧୪୬ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଅବସରରେ ମଞ୍ଚର କର୍ମୀ ମାନେ ଜିଲ୍ଲାର ବିଭିନ୍ନ ସମୟରେ ସ୍ଥାପନ କରାଯାଇଥିବା ବିର୍ଷାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପ୍ରଭାତରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଦିବସବ୍ୟାପି ଦେଶକୁ ସ୍ୱାଧୀନ କରିବାରେ ବିର୍ଷାମୁଣ୍ଡାଙ୍କର ଅବଦାନ ଓ ତାଙ୍କର ଦର୍ଶନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚର ଟିମ୍ ଲିଡ଼ର ଗଦାଧର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଆଲୋଚକ ଭାବରେ ମଞ୍ଚର ସଦସ୍ୟ ସୁବ୍ରତ କୁମାର ମହାନ୍ତି, ରୁପାଏ ବାସ୍କେ ଓ ରାମଚନ୍ଦ୍ର ସିଂ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଲାଲମୋହନ ବିନ୍ଧାଣୀ, ଗୌତମ ମହାପାତ୍ର, ଆରତୀ ଖଣ୍ଡାପାତ୍ର, ଗାୟତ୍ରୀ ସିଂ, ହରିପ୍ରୀୟା ଦାସ, ଭାରତୀ ଖଣ୍ଡାପାତ୍ର, ନିରୁପମା ଦାସ, ସୁମତୀ ମୁର୍ମୁ, ରାମାୟ ମୁର୍ମୁ ଓ ରବି ଖଣ୍ଡେଇ ସହଯୋଗ କରିଥିଲେ।

ଓଡ଼ିଶାର ବିଜେପି ପ୍ରଭାରୀଙ୍କୁ ବିରୋଧ କରିବ ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୫।୧୧ (ନି.ପ୍ର): ଆନ୍ଧ୍ରପ୍ରଦେଶର ସରକାର ତଥା ଆନ୍ଧ୍ରର ଜନସାଧାରଣ ଜାଣିଶୁଣି କୋଟିଆ ସମେତ ଓଡ଼ିଶା ସୀମାନ୍ତ ଗ୍ରାମମାନଙ୍କରେ ଜମି ଜବରଦଖଲ କରିବାରେ ଲାଗିଛନ୍ତି। ଆନ୍ଧ୍ର ସରକାର ଏହି ଜବରଦଖଲକୁ ଅଧିକ ଅକ୍ତିଆର କରିବା ପାଇଁ ବୋର୍ଡ଼ ମାରିବା ସଙ୍ଗେସଙ୍ଗେ ପଥର ଖୁଂଟି ପୋତି ରାସ୍ତା ଅବରୋଧ କରିଛନ୍ତି। ଯଦି ଆନ୍ଧ୍ର ସରକାର ଏହି ଜବରଦଖଲରୁ ବିରତ ନ ହୁଅନ୍ତି, ତାହାଲେ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କନ୍ୟା ତଥା ବର୍ତମାନର ଆନ୍ଧ୍ର ବିଜେପି ନେତ୍ରୀ ଏବଂ ନିକଟ ଅତୀତରେ ଓଡ଼ିଶା ବିଜେପିର ନବନିଯୁକ୍ତ ପ୍ରଭାରୀ ପରନ୍ଦରେଶ୍ୱରୀଙ୍କୁ ସମାଜବାଦୀ ପାର୍ଟି ବିରୋଧ କରିବ ବୋଲି ଆଜି ପାର୍ଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଦସ୍ତଖତରେ ଜାରି କରାଯାଇଥିବା ଏହି ପ୍ରେସ୍‌ବିଜ୍ଞପ୍ତିରେ କୁହାଯାଇଛି ଯେ, ଆନ୍ଧ୍ର ସରକାର ଜାଣିଶୁଣି ବଂଶଧାରା ନଦୀ ଉପରେ ବ୍ୟାରେଜ୍ ନିର୍ମାଣ କରିବା ଫଳରେ ଓଡ଼ିଶା କ୍ଷତିଗ୍ରସ୍ତ ହୋଇଛି। ସେହିଭଳି ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ଆନ୍ଧ୍ରବାସୀ ଓଡ଼ିଶାର ସୀମାନ୍ତ ଗ୍ରାମର ଜମି ଓ ଜଙ୍ଗଲକୁ ଦଖଲ କରିବାରେ ଲାଗିଛନ୍ତି।

ଜିଲ୍ଲାବାସୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଶେଷ ଉଦ୍ୟମ: ଗଠିତ ହେଲା 'ଭଏସ ଅଫ୍ ବାଲେଶ୍ୱର'

ବାଲେଶ୍ୱର,୧୫।୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବିଭିନ୍ନ କ୍ଷେତ୍ର ଦେଖାଦେଇଥିବା ବିପର୍ଯ୍ୟସ୍ତ ଅବସ୍ଥା ସାଙ୍ଗକୁ ଜନସାଧାରଣଙ୍କ ସମସ୍ୟା ସମାଧାନ ଓ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ଆଜି ଜନ୍ମ ନେଇଛି ପ୍ରତିବାଦର ସ୍ୱର ' ଭଏସ ଅଫ୍ ବାଲେଶ୍ୱର' ସଂଗଠନ। ଦଳ, ଗୋଷ୍ଠୀ ଓ ବର୍ଣ୍ଣ ନିର୍ବିଶେଷରେ ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନକୁ ଏହି ସଂଗଠନ ଆଗ୍ରାଧିକାର ଦେବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଜିଲ୍ଲାର ଯେ କୌଣସି ଅଞ୍ଚଳରେ ଦେଖାଦେଇଥିବା ସମସ୍ୟା ସାଙ୍ଗକୁ ହେଉଥିବା ଅନ୍ୟାୟକୁ ବିରୋଧ କରିବା ସହ ଲୋକଙ୍କୁ ନ୍ୟାୟ ଦେବା ଲକ୍ଷ୍ୟରେ ଏହି ସଂଗଠନ ଆଜି ଶୁଭ ଦୀପାବଳିରେ ଜନ୍ମ ନେଇଛି ବୋଲି ଆବାହକ ଯୁବନେତା ଅରଜିତ୍ ଘୋଷାଲ ପ୍ରକାଶ କରିଛନ୍ତି। ରାସ୍ତାକଡ଼ରେ ଜୀବନ ବିତାଉଥିବା ଲୋକଙ୍କୁ ଥଇଥାନ, ଗରିବ ପରିବାରର କନ୍ୟା ଓ ପୁତ୍ରଙ୍କ ବିବାହ, ସରକାରୀ ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ନ୍ୟାୟ ପ୍ରଦାନ, ଅସହାୟ ରୋଗୀଙ୍କୁ ଚିକିତ୍ସା ସେବା ପ୍ରଦାନ, ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ନେଇ ଏହି ସଂଗଠନ ଉଚିତ ପଦକ୍ଷେପ ଗ୍ରହଣର ଲକ୍ଷ୍ୟ ରଖିଛି ବୋଲି ଶ୍ରୀ ଘୋଷାଲ ସୂଚନା ଦେଇଛନ୍ତି। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ରାଜନୀତିର ଉର୍ଦ୍ଧ୍ୱରେ ରହି ଭଏସ ଅଫ ବାଲେଶ୍ୱର ତା'ର କାର୍ଯ୍ୟ କରିବ। ଯେ କୌଣସି ବ୍ୟକ୍ତି ଏହି ସଂଗଠନ ସହ ଯୋଡ଼ିହେବା ସହ ଏହାର ଲୋକାଭିମୁଖୀ କାର୍ଯ୍ୟଧାରାକୁ ଆଗେଇ ନେବାର ସହାହୟ ହୋଇ ପାରିବେ। ସ୍ୱଚ୍ଛ ନିରପେକ୍ଷ ଆଭିମୁଖ୍ୟ ନେଇ ଜନ୍ମନେଇଥିବା ଏହି ଭଏସ ଅଫ ବାଲେଶ୍ୱରକୁ ଆଗେଇ ନେବା ପାଇଁ କର୍ମକର୍ତ୍ତାମାନେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୌତମ ସେଠୀ, ସୌମ୍ୟରଂଜନ ପାଣିଗ୍ରାହୀ, ସୌଭାଗ୍ୟ ମାନସ ନାୟକ, ସୁଶୀଳ ଜେନା, ଦୀପକ ମିଶ୍ର, ଶୁଭଦୀପ ଚକ୍ରବର୍ତ୍ତୀ, ଅଭିଷେକ ବେହେରା, ସ୍ମୃତିତୀର୍ଥ ମହାନ୍ତି, ଅଜୟ କୁମାର ଦାସ, ହେମନ୍ତ ମହାପାତ୍ର, ଦିବ୍ରଶକ୍ତି ଜେନା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

ଜଳେଶ୍ୱର ସହରର ସାମଗ୍ରୀକ ବିକାଶ ନେଇ ସମୀକ୍ଷା ବୈଠକ

ସୁବର୍ଣ୍ଣରେଖା ପାଣିକୁ ନେଇ ମେଗା ପ୍ରକଳ୍ପ : ପୂରଣ ହେବ ସହରାଞ୍ଚଳ ଆବଶ୍ୟକତା

ଜଳେଶ୍ୱର,୧୫।୧୧ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିରେ ଚାଲିଥିବା ବିଭିନ୍ନ ବିଭାଗର କାର୍ଯ୍ୟଗୁଡିକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପୁର୍ତ୍ତ, ଗ୍ରାମଉନ୍ନୟନ, ନେସ୍କୋ, ରାଜସ୍ୱ, ବିଶୁଦ୍ଧ ପାନୀୟଜଳ ବିଭାଗକୁ ନେଇ ଦୀର୍ଘ ସମୟ ଆଲୋଚନା ହୋଇଛି । ଅବିଳମ୍ବେ ପ୍ରକଳ୍ପ ଗୁଡିକୁ ଶେଷ କରିବାକୁ ସିଦ୍ଧାନ୍ତ ନିଆଯାଇଛି । ଗତ ଶନିବାର ସଂଧ୍ୟାରେ ମ୍ୟୁନିସିପାଲଟି କାର୍ଯ୍ୟାଳୟ ପରିସରରେ ସହରାଞ୍ଚଳ ଉନ୍ନତିକରଣ ପାଇଁ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ଅଶ୍ୱିନୀର କୁମାର ପାତ୍ର ଓ ମ୍ୟୁନିସିପାଲଟିର ପ୍ରଶାସନୀକ ଅଧିକାରୀ ନିଲୁ ମହାପାତ୍ର ଯୋଗ ଦେଇ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଅଧିକ ନଳକୂପ ଖନନ କିମ୍ବା ପାଇପ୍‌ପାଣି ଯୋଗାଣ ନେଇ ଆଲୋଚନା ବେଳେ ସୁବର୍ଣ୍ଣରେଖା ନଦୀରୁ ପାଣି ନେଇ ୪୩ କୋଟି ଟଙ୍କାର ଏକ ମେଗା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ସିଦ୍ଧାନ୍ତ ହୋଇଛି । ପ୍ରାୟ ୩୫ହାର ଲୋକ ବସବାସ କରୁଥିବା ମ୍ୟୁନିସିପାଲଟିରେ ବିଶୁଦ୍ଧ ପିଇବା ପାଣି ଯୋଗାଇବା ଲାଗି ଏହା ଶୁଭଙ୍କର ହେବ ବୋଲି ପିଏଚ୍‌ଡିର ଏସ୍‌ଡିଓ ଉଜ୍ଜଳ କୁମାର ପ୍ରଧାନ ଓ ଜେଇ ରଂଜନ କୁମାର ମାଝୀଙ୍କ ସହିତ ଆଲୋଚନା ହୋଇଛି । ମ୍ୟୁନିସିପାଲଟି ଅଂଚଳରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୧୦୯ଟି ପ୍ରକଳ୍ପ କାର୍ଯ୍ୟ ହେବାକୁ ଥିବା ବେଳେ ୭୯ଟି କାର୍ଯ୍ୟଶେଷ ହୋଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଲମ୍ବୋଦର କର ଓ ଇଂ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି । ବାକି ଥିବା ୩୦ଟି ପ୍ରକଳ୍ପ ମଧ୍ୟରୁ ୧୫ଟିରେ ଠିକାଦାର ମାନେ ନିର୍ଦ୍ଦିଷ୍ଟ ସମୟରେ ଆରମ୍ଭ ଓ ଶେଷ କରିନଥିବାରୁ ସେ ଗୁଡିକୁ ବନ୍ଦ କରାରଯାଇଛି। ଅନ୍ୟ ୧୩ଟି କାର୍ଯ୍ୟକୁ ବନ୍ଦ କରିଯିବାକୁ ସିଦ୍ଧାନ୍ତ ନିଆଯାଇଛି । ଏହି ୩୦ଟି ପ୍ରକଳ୍ପର କାର୍ଯ୍ୟ ପରିବର୍ତ୍ତନ କରାଯି